ବର୍ଷ-୨୫, ସଂଖ୍ୟା-୩୦୪
ଭୁବନେଶ୍ୱର
୧୬, ନଭେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 304
Bhubaneswar
16, November, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ରାଉରକେଲାରେ ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସରେ ମୁଖ୍ୟମନ୍ତ୍ରୀ

# ୧୩୪୫ କୋଟିର ପ୍ରକଳ୍ପ ଉଦଘାଟିତ



**ଭୁବନେଶ୍ୱର,୧୫।୧୧(ମହାଭାରତ):** ବିର୍ସା ମୁଣ୍ଡା ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି। ଇଂରେଜ ଶାସନ ସମୟରେ ବିର୍ସା ଅନ୍ୟାୟ, ଅତ୍ୟାଚାରକୁ ବିରୋଧ କରି ବିହାର, ଝାଡଖଣ୍ଡ ଅଞ୍ଚଳର ସଂଗ୍ରାମୀ ମାନଙ୍କୁ ଏକାଠି ଏକ ବଡ ଧରଣର ବିପ୍ଳବ ମାଧ୍ୟମରେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡିଥିଲେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଠାରେ ଆୟୋଜିତ ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟ ସ୍ତରୀୟ ୧୫୧ତମ ଜୟନ୍ତୀ 'ଜନଜାତୀୟ ଗୌରବ ଦିବସ' ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି।

ଭଗବାନ୍ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ଆଜି ଦେଶବ୍ୟାପୀ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟରୁ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟ ସ୍ତରୀୟ ଜନଜାତୀୟ ଗୌରବ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ରାଉରକେଲା ଠାରେ ସୁନ୍ଦରଗଡ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି।

ଉପସ୍ଥିତ ରାଉରକେଲା ବାସୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ। ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେଷିତ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢେଇ ଜାରି ରଖିଥିଲେ। ବିର୍ସା ମୁଣ୍ଡାଙ୍କ ବିଦ୍ରୋହ ଝାଡଖଣ୍ଡ, ଓଡିଶା, ବିହାର, ପଶ୍ଚିମ ବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପୀ ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା। ସେ ପୁଣି କହିଥିଲେ, ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ପ୍ରେରଣାଦାୟୀ ଉଦ୍ୟମରେ ଆଜି ମହାନ୍ ଜନଜାତି ନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ସାରା ଦେଶରେ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି। ଏହି ଉତ୍ସବ ଭଗବାନ ବିର୍ସା ମୁଣ୍ଡାଙ୍କ ବୀରତ୍ୱ, ତ୍ୟାଗ ଓ ସାହସ ନିମନ୍ତେ ଉତ୍ସର୍ଗୀକୃତ।

ସେ ଆହୁରି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନୀତି ହେଉଛି ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ। ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଯୁଗାନ୍ତକାରୀ ପଦକ୍ଷପ ଗ୍ରହଣ କରିଛନ୍ତି। ପିଏମ୍ ଜନ୍‌ମନ୍ ଯୋଜନା, ଧର୍ତୀ ଆବା ଜନଭାଗିଦାରୀ ଅଭିଯାନ, ଆଦିକର୍ମ ଯୋଗୀ ଅଭିଯାନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଜନଜାତି ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଉଦ୍ୟମ ଜାରିରହିଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ଲାଗି ରାଜ୍ୟ ସରକାର ଅନେକ ପଦକ୍ଷପ ଗ୍ରହଣ କରିଛନ୍ତି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଜନଜାତି ପରିବାର ଗୁଡିକୁ ଜୀବନ ଜୀବିକାରେ ସହାୟତା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରାଯାଉଛି। ଜନଜାତି ଛାତ୍ରଛାତ୍ରୀଙ୍କ ସ୍କୁଲ ଡ୍ରପଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମୋଦୀଜୀଙ୍କ ନେତୃତ୍ୱରେ ଜନଜାତି ସଶକ୍ତିକରଣର ସବୁଠାରୁ ବଡ ଉଦାହରଣ ହେଉଛନ୍ତି ଦେଶର ମହାମହିମ ରାଷ୍ଟ୍ରପତି ଓ ସେ ନିଜେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲାପାଳ ସୁନ୍ଦରଗଡ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ମୁନିସପାଲ କମିଶନର ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ଥିଲେ।

# ଥାନା ସମ୍ମୁଖରେ ବିସ୍ଫୋରଣ : ୯ ମୃତ

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶନିବାର କହିଛି ଯେ, ଜମ୍ମୁ ଓ କାଶ୍ମୀରର ନୌଗାମ ପୋଲିସ ଷ୍ଟେସନରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଏକ ଦୁର୍ଘଟଣାଜନିତ ବିସ୍ଫୋରଣରେ ୯ ଜଣ ପ୍ରାଣ ହରାଇଛନ୍ତି ଏବଂ ୩୨ ଜଣ ଆହତ ହୋଇଛନ୍ତି। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଘଟଣାର ପର୍ଦ୍ଦାଫାଶ କରିଥିଲା । ଏହି ମାମଲା ସହିତ ଜଡ଼ିତ ଏଫଆଇଆର ନମ୍ବର ୧୬୨/୨୦୨୫ ର ତଦନ୍ତ ସମୟରେ, ବିପୁଳ ପରିମାଣର ବିସ୍ଫୋରକ ଏବଂ ରାସାୟନିକ ପଦାର୍ଥ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ବିସ୍ଫୋରକଗୁଡ଼ିକୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଥାନା ପରିସରରେ ଏକ ଖୋଲା ସ୍ଥାନରେ ସୁରକ୍ଷିତ ଭାବରେ



କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି। କାରଣ ବିଷୟରେ ଆଉ କୌଣସି ଅନୁମାନ ଅନାବଶ୍ୟକ।

ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଜମ୍ମୁ ଓ କାଶ୍ମୀର ଡିଭିଜନ) ପ୍ରଶାନ୍ତ ଲୋଖଣ୍ଡେ, ନୌଗାମ ପୋଲିସ ଷ୍ଟେସନ ବିସ୍ଫୋରଣ ସମ୍ପର୍କରେ ଏକ ଗଣମାଧ୍ୟମ ବ୍ରିଫିଂରେ କହିଛନ୍ତି ଯେ, ନିକଟରେ ନୌଗାମ ପୋଲିସ ଷ୍ଟେସନ ଏକ ପୋଷ୍ଟରରୁ ମିଳିଥିବା ସୁରାକ୍ ଆଧାରରେ ଏକ ଆତଙ୍କବାଦୀ ମଡ୍ୟୁଲ ର ସଂରକ୍ଷଣ କରାଯାଇଥିଲା।

ଲୋଖଣ୍ଡେ କହିଛନ୍ତି ଯେ, ଜବତ ହୋଇଥିବା ସାମଗ୍ରୀକୁ ଫରେନସିକ୍ ଏବଂ ରାସାୟନିକ ପରୀକ୍ଷା ପାଇଁ ପଠାଇବା ପ୍ରକ୍ରିୟା ଗତ ଦୁଇ ଦିନ ଧରି ଜାରି ରହିଛି। ଉଦ୍ଧାର ହୋଇଥିବା ବିସ୍ଫୋରକର ଅସ୍ଥିର ଏବଂ ସମ୍ବେଦନଶୀଳ ପ୍ରକୃତିକୁ ଦୃଷ୍ଟିରେ ରଖି, ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ସେଗୁଡ଼ିକୁ ଅତ୍ୟନ୍ତ ସତର୍କତାର ସହିତ ପରିଚାଳନା କରାଯାଉଥିଲା।

# ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀକୁ ଉଦଘାଟିତ

**ଭୁବନେଶ୍ୱର,୧୫।୧୧(ମହାଭାରତ):** ସଚେତନତା ହିଁ ସଶକ୍ତିକରଣର ପ୍ରଥମ ପାହାଚ ଏବଂ ପ୍ରକୃତ ସଶକ୍ତିକରଣ ହିଁ ମହିଳାଙ୍କୁ ମର୍ଯ୍ୟାଦା ପ୍ରଦାନ କରେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ଭୁବନେଶ୍ୱର ଠାରେ ଓଡ଼ିଶା ମେନୋପଜ୍ ସୋସାଇଟି ଏବଂ ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନ (ଏଓଜିଓ) ଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ୨୦୨୫କୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ମେନୋପଜ୍ ମହିଳାଙ୍କ ଦ୍ୱାରା ଅନୁଭବ କରାଯାଉଥିବା ଏକ ପ୍ରାକୃତିକ ଜୈବିକ ପରିବର୍ତ୍ତନ ହେଲେ ମଧ୍ୟ କଳଙ୍କ ଆଶଙ୍କା, ନୀରବତା ଏବଂ ଭୁଲ ବୁଝାମଣା ଯୋଗୁଁ ଏହା ପ୍ରାୟତଃ ଏଡ଼ାଇ ଦିଆଯାଇଥାଏ। ମେନୋପଜ୍ ସମ୍ବନ୍ଧରେ ଖୋଲାଖୋଲି ଆଲୋଚନା କରି ମହିଳାମାନଙ୍କୁ ବୈଜ୍ଞାନିକ ଜ୍ଞାନ ଏବଂ ସହାନୁଭୂତିଶୀଳ ଯତ୍ନ ପ୍ରଦାନ କରୁଥିବା ଡାକ୍ତର, ଗବେଷକ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ ଭାରତରେ ୪୫ ବର୍ଷରୁ ଅଧିକ ବୟସର ୧୩୦ ନିୟୁତରୁ ଅଧିକ ମହିଳା ଅଛନ୍ତି ଯେଉଁମାନେ ମେନୋପଜ୍ ପରେ ସେମାନଙ୍କ ଜୀବନର ଏକ ତୃତୀୟାଂଶ ଭାଗ ଜୀବନ ଅତିବାହିତ କରନ୍ତି। ଏହି ପରିବର୍ତ୍ତିତ ଜନସଂଖ୍ୟାଗତ ପରିବର୍ତ୍ତନ ନୂତନ ଚ୍ୟାଲେଞ୍ଜ ଆଣିଥାଏ ଓ ବିଶେଷତଃ ସୁସ୍ଥ ଓ ଯତ୍ନଶୀଳ ସ୍ୱାସ୍ଥ୍ୟସେବା ପରିଧି ବଢ଼ାଇବାକୁ ନିଶ୍ଚିତ କରିବାରେ ଏକ ସୁଯୋଗ ପ୍ରଦାନ କରୁଛି।

ମେନୋପଜର ବ୍ୟାପକ ପ୍ରଭାବକୁ ଗୁରୁତ୍ୱ ଦେଇ ରାଜ୍ୟପାଳ କହିଛନ୍ତି ଯେ ଏହା କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ବରଂ ଭାବନାତ୍ମକ ଏବଂ ସାମାଜିକ ସୁସ୍ଥତାକୁ ମଧ୍ୟ ଏହା ପ୍ରଭାବିତ କରେ। ଅଷ୍ଟିଓପୋରୋସିସ୍, ହୃଦରୋଗ ଏବଂ ମାନସିକ ସ୍ୱାସ୍ଥ୍ୟ ଭଳି ଚିକିତ୍ସା ସମସ୍ୟା ଉପରେ ଧ୍ୟାନ ଦେବା ଆବଶ୍ୟକ ହେଲେ ମଧ୍ୟ ପରିବାର, କାର୍ଯ୍ୟକ୍ଷେତ୍ର ଏବଂ ସମାଜ ଏହି ପର୍ଯ୍ୟାୟରେ ମହିଳାମାନଙ୍କ ଭାବନାତ୍ମକ ଆବଶ୍ୟକତାକୁ ଚିହ୍ନଟ କରି ସମର୍ଥନ କରିବା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ସମ୍ବେଦନଶୀଳତା ଏବଂ ବୁଝାମଣା ଏ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ ବୋଲି ରାଜ୍ୟପାଳ କହିଥିଲେ। ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇ ରାଜ୍ୟପାଳ ଭାରତୀୟ ମେନୋପଜ୍ ସୋସାଇଟିକୁ ଦେଶବ୍ୟାପୀ ଅଭିଯାନର ନେତୃତ୍ୱ ନେବାକୁ ପରାମର୍ଶ ଦେଇଥିଲେ।

# ୨ ଦୁର୍ଦ୍ଦାନ୍ତ ସମେତ ୮ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୫।୧୧(ମହାଭାରତ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସମେତ ସାରା ଦେଶରେ ନକ୍ସଲ ମୂଳପୋଛ ନେଇ ୨୦୨୬ ମାର୍ଚ୍ଚ ୩୧ ଟାର୍ଗେଟ ରହିଥିବାରୁ ପୁଲିସ ଅପରେସନକୁ ଜୋରଦାର କରୁଛି। ଏହି ଅପରେସନକୁ ନକ୍ସଲ ଭୟ କରି ଲଗାତାର ଅସ୍ତ୍ରଶସ୍ତ୍ର ସହ ନକ୍ସଲ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗେଇ ଆସୁଛନ୍ତି। ଏହିକ୍ରମରେ ନକ୍ସଲ ସଂଗଠନରେ କାମ କରୁଥିବା ବଡ ବଡ କ୍ୟାଡର ନକ୍ସଲମାନେ ମଧ୍ୟ ଆତ୍ମସମର୍ପଣ ପନ୍ଥାକୁ ବାଛି ନେଇଛନ୍ତି। ସୀମାନ୍ତ ତେଲେଙ୍ଗାନାରେ ତେଲେଙ୍ଗାନା ଷ୍ଟେଟ କମିଟିର ଦୁଇ ଦୁର୍ଦ୍ଦାନ୍ତ ମାଓ ନେତା ସମେତ ୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ନିଜର ହତିଆର ସହ ଏମାନେ ଆତ୍ମସମର୍ପଣ କରିଥିବା କୁହାଯାଇଛି। ଏମାନେ ଗତ ଦୁଇ ଦିନ ତଳେ ହିଁ ଏମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିସାରିଲେଣି। ପୁଲିସ କିନ୍ତୁ ଆଜି ପର୍ଯ୍ୟନ୍ତ ଏମାନଙ୍କୁ ଗଣମାଧ୍ୟମ ସାମ୍ନାକୁ ଆଣିନାହିଁ। ଆତ୍ମସମର୍ପଣ କରିଥିବା ଦୁଇ ଦୁର୍ଦ୍ଦାନ୍ତ ନକ୍ସଲ ମଧ୍ୟରୁ ଜଣେ ହେଲେମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସମେତ ସାରା ଦେଶରେ ନକ୍ସଲ ମୂଳପୋଛ ନେଇ ୨୦୨୬ ମାର୍ଚ୍ଚ ୩୧ ଟାର୍ଗେଟ ରହିଥିବାରୁ ପୁଲିସ ଅପରେସନକୁ ଜୋରଦାର କରୁଛି। ଏହି ଅପରେସନକୁ ନକ୍ସଲ ଭୟ କରି ଲଗାତାର ଅସ୍ତ୍ରଶସ୍ତ୍ର ସହ ନକ୍ସଲ ମୁଖ୍ୟସ୍ରୋତରେ



ସାମିଲ ହେବାକୁ ଆଗେଇ ଆସୁଛନ୍ତି।ଏହି ଦୁଇ ନକ୍ସଲ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମାଓ ସଂଗଠନରେ କାମ କରୁଥିଲେ। ଆଜାଦ୍ ଏବଂ ତେଲେଙ୍ଗାନା ଏରିଆ କମିଟିର ସଚିବ ଦାମୋଦର ମଧ୍ୟରେ ରହିଥିବା ଅନ୍ତର୍ଦ୍ୱନ୍ଦ ହିଁ ଆତ୍ମସମର୍ପଣ କରିବାକୁ ବାଧ କରିଥିଲା। ତେଲେଙ୍ଗାନା ଏରିଆ କମିଟିରେ ଆଜାଦର ମଧ୍ୟ ଦବଦବା ରହିଥିଲା। ପୁଲିସ ଦିନେ କିମ୍ବା ଦୁଇ ଦିନରେ ଏହା ସ୍ପଷ୍ଟ କରିବ ବୋଲି ଜଣାପଡିଛି।

# ଭେଣ୍ଟିଲେଟରରେ ହ୍ୟୁମାନ୍ ସାଗର

**ଭୁବନେଶ୍ୱର,୧୫।୧୧(ମହାଭାରତ):** ଓଲିଉଡ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥାବସ୍ଥା ସଙ୍କଟାପନ୍ନ। ଭେଣ୍ଟିଲେଟରରେ ଅଛନ୍ତି ହ୍ୟୁମାନ୍ ସାଗର। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ କେଣସି ସୁଧାର ଆସିନାହିଁ। ଗତକାଲି ଯେଉଁ ଅବସ୍ଥାରେ ହ୍ୟୁମାନ୍ ସାଗରଙ୍କୁ ଭୁବନେଶ୍ୱର ଏମ୍ସ ଆଇସିୟୁରେ ଭର୍ତ୍ତି କରାଯାଇଥିଲା, ଆଜି ସେମିତି ରହିଛି । ଡାକ୍ତରଙ୍କ କହିବା ଅନୁଯାୟୀ, ତାଙ୍କୁ ୭୨ ଘଣ୍ଟା ଯାଏ ଅବଜରଭେସନରେ ରଖାଯାଇଛି। ତାଙ୍କର ଲିଭର ଖରାପ ଥିବାବେଳେ କିଡ୍‌ନି ଗୁରୁତର ଭାବେ ପ୍ରଭାବିତ ହୋଇଛି। ସେ ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ଲିଭର ଓ କିଡ୍‌ନି ସହିତ ହ୍ୟୁମାନ୍‌ଙ୍କ ବହୁ ଅଙ୍ଗ ପ୍ରଭାବିତ ହୋଇଛି। ସେ ଶ୍ୱାସକ୍ରିୟା ଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଅଛନ୍ତି। ତାଙ୍କୁ ଭେଣ୍ଟିଲେଟର ସହାୟତାରେ ରଖାଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍‌ରେ ବହୁ ରୋମାଣ୍ଟିକ୍ ଗୀତ ଭେଟି ଦେଇଥିବା ହ୍ୟୁମାନ୍ ସାଗର ଘରେ ଘରେ ପରିଚିତ। ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା



କରିଛନ୍ତି ତାଙ୍କ ମାଆ। ଅଧିକ ଚିକିତ୍ସା ଲାଗି ସେ ରାଜ୍ୟ ବାହାରକୁ ନେବା ପାଇଁ ଚିନ୍ତା କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ସହାୟତା କରିବାକୁ ଆକୁଳ ନିବେଦନ କରିଛନ୍ତି। ପୂର୍ବରୁ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି। ଲିଭର ଓ କିଡ୍‌ନୀ ସହିତ ହ୍ୟୁମାନ୍‌ଙ୍କ ବହୁ ଅଙ୍ଗ ପ୍ରଭାବିତ ହୋଇଛି। ସେ ଶ୍ୱାସକ୍ରିୟା ଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଅଛନ୍ତି।

# କନେଷ୍ଟବଲଙ୍କୁ ହତ୍ୟା



**ବୌଦ୍ଧ,୧୫।୧୧(ମହାଭାରତ):** ପୁଲିସ କନେଷ୍ଟବଲଙ୍କୁ ବୀଭତ୍ସ ହତ୍ୟା କରାଯାଇଛି। ଘର ପଛପଟୁ ମୃତଦେହ ଉଦ୍ଧାର ସହ ଘଟଣାରେ ଜଡ଼ିତ ଜଣଙ୍କୁ ଅଟକ ରଖିଛି ପୁଲିସ। ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଯାଜପୁର ଗ୍ରାମର ବାଲିସାହିରେ ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ ବ୍ୟକ୍ତି ହେଲେ ଉଦୟରଂଜନ ପଟ୍ଟନାୟକ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଏହି ସମୟରେ ଜଣଙ୍କ ଘର ବାଡ଼ିପଟେ ମୃତଦେହ ପତ୍ର ଢାଙ୍କି ହୋଇଥିବା ଶବକୁ ପୁଲିସ ଠାବ କରିଥିଲଶ। ମୃତଦେହଟି ୨ ଦିନରୁ ଊର୍ଦ୍ଧ୍ୱ ହେବା ନେଇ ଅନୁମାନ କରାଯାଉଛି। ଏସଡ଼ିପିଓ ଲରେନ୍ସ ରାଉତରାୟ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।ପରିବାର ଲୋକଙ୍କ ହତ୍ୟା ଅଭିଯୋଗସୂଚନା ଅନୁସାରେ ପୁଲିସ କନେଷ୍ଟବଳ ଉଦୟରଞ୍ଜନ ପଟ୍ଟନାୟକ କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ପେଂଜିସାହିର ବାସିନ୍ଦା। ସେ ଦୀର୍ଘଦିନ ହେବ ଯାଜପୁର ବାଲିସାହିରେ ଘରକରି ରହୁଥିଲେ। କିନ୍ତୁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନାରେ ପୁଲିସ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟଗତ କାରଣ ପାଇଁ ସେ ଗତ ବର୍ଷେ ଛୁଟିରେ ଥିଲେ। ତାଙ୍କର ୧୪ ବର୍ଷର ପୁଅ ସହ ରହୁଥିବା ପରିବାର ଲୋକେ କହିଛନ୍ତି।

# ନୂଆପଡ଼ାକୁ ନୂଆ ରୂପ ଦେବେ ନୂଆ ବିଧାୟକ

**ଭୁବନେଶ୍ୱର,୧୫।୧୧(ମହାଭାରତ):** ଭାରତୀୟ ଜନତା ପାର୍ଟି ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ରଚିଛି। ନୂଆପଡ଼ାବାସୀ ବିଜେପି ଉପରେ ଭରସା ଓ ବିଶ୍ୱାସ ରଖିଛନ୍ତି। ନୂଆପଡ଼ାରେ ଏଥର ବିକାଶ ହେବ। ବିଜେପି ସରକାର ଏଠାରେ ୧୪୨୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଜୟ ଢୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ରାଜ୍ୟର ଏକ ନମ୍ବର ଜିଲ୍ଲା ହେବ। ବିଜେପିର ସଂକଳ୍ପ ଓ ବାପାଙ୍କ ସ୍ୱପ୍ନକୁ ପାଥେୟ କରି ନୂଆପଡ଼ାକୁ ନୂଆ ବିଧାୟକ ନୂଆ ରୂପ ଦେବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ ନୂଆପଡ଼ାର ନବ ନିର୍ବାଚିତ ବିଧାୟକ ଜୟ ଢୋଲକିଆଙ୍କ ପାଇଁ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶ୍ରୀ ମାଝୀ କହିଛନ୍ତି ଯେ, ଗତକାଲି ସନ୍ଧ୍ୟାରେ ରାଜ୍ୟ କାର୍ଯ୍ୟାଳୟରେ ବିଜୟୀ ଉତ୍ସବ ପାଳନ କରାଯାଇଥିବାବେଳେ ଆଜି ଜୟ ଢୋଲକିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଜେପି ସରକାର ୧୬ ମାସ ଅତିକ୍ରମ କରି ଏବେ ୧୭ ମାସରେ ପଦାର୍ପଣ କରିଛି। ଗତ ଛଅ ମାସ ପୂର୍ବର ନୂଆପଡ଼ାର ଜିଲ୍ଲା ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ବିଜେପି ସରକାର ପ୍ରତି ନୂଆପଡ଼ାବାସୀଙ୍କ ସମର୍ଥନ ଦେଖିଥିଲି।

### ବିଜେପି କାର୍ଯ୍ୟାଳୟରେ ବିଧାୟକ ଜୟ ଢୋଲକିଆଙ୍କୁ ସମ୍ବର୍ଦ୍ଧନା




ଦୀର୍ଘ ୨୪ ବର୍ଷ ଧରି ଅବହେଳାର ଶିକାର ହୋଇଥିବା ଏଠାକାର ଲୋକେ ଆଶା ବାନ୍ଧିଥିଲେ ଯେ ସରକାର ପରିବର୍ତ୍ତନ ହୋଇଛି ଏବେ ନୂଆପଡ଼ାର ବିକାଶ ହେବ। ଏହି ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଭାବେ ମୁଁ ନିଜେ ଦାୟିତ୍ୱ ନେଇଛି। ଜୟ ଢୋଲିକିଆ ଏହି ବିକାଶର ସାରଥୀ ହେବେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ବିଜେପିର କାର୍ଯ୍ୟକର୍ତ୍ତାମାନେ ଅକ୍ଳାନ୍ତ ପରିଶ୍ରମ କରି ବିଜେପିକୁ ବିପୁଳ ବିଜୟ କରାଇଛନ୍ତି। ଏଥିପାଇଁ ସମସ୍ତ ନୂଆପଡ଼ାବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ।

ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ନୂଆପଡ଼ାବାସୀଙ୍କ ଆର୍ଶୀବାଦ କାରଣରୁ ଜୟ ଢ଼ୋଲକିଆ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନୂଆପଡ଼ାର ବିକାଶ ପାଇଁ ଜଗନ୍ନାଥ ତାଙ୍କୁ ଶକ୍ତି ଦିଅନ୍ତୁ। ନୂଆପଡ଼ାକୁ ନୂଆ ବିଧାୟକ ନୂଆ ରୂପ ଦେବେ। ସେ ଅଖଣ୍ଡ ପରିଶ୍ରମ କରି ନୂଆପଡ଼ାବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରନ୍ତୁ। ଏନେଇ ନୂଆପଡ଼ାବାସୀ ଓ ବିଜେପି କାର୍ଯ୍ୟକତାଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ। ସମସ୍ତେ ବହୁ ପରିଶ୍ରମ କରି ନିଷ୍ଠାପର ଭାବେ ଉଦ୍ୟମ କରିଛନ୍ତି। ସମସ୍ତେ ନିଜର ବୁଦ୍ଧି, ବିଦ୍ୟା, ଯୋଗ୍ୟତା ସବୁକୁ ଏହି ନିର୍ବାଚନରେ ଲଗାଇ ଦଳକୁ ବିଜୟୀ ଲାଭ କରାଇଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ପରିଶ୍ରମ କରି ଲୋକଙ୍କ ପାଖରେ ପହଂଚି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଂଚାଇ ପାରିଛନ୍ତି। ପରିବାରବାଦ ନୁହେଁ ପ୍ରତ୍ୟେକ ପରିବାର ପାଇଁ ବିଜେପି ସମର୍ପିତ। ଓଡ଼ିଶାରେ ବିଜେପିର ଲୋକପ୍ରିୟତା ଯେଉଁଭଳି ଭାବେ ବଢ଼ିଚାଲିଛି ଏହି ଉପନିର୍ବାଚନରେ ବିପୁଳ ବିଜୟ ହେଉଛି ତାର ପ୍ରତିଫଳନ। ବିହାର ନିର୍ବାଚନ ସହ ଓଡ଼ିଶା ଓ ଜାମୁକାଶ୍ମୀରର ଉପନିର୍ବାଚନର ଫଳାଫଳ ସାରା ଦେଶକୁ ପ୍ରଭାବିତ କରିଛି। ବିଜେପି ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ । ଏବେ ବିଜେପି ସରକାର ଯେଉଁସବୁ ପ୍ରତିଶ୍ରୁତି ଦେଉଛି ତାହା ପୂରଣ କରିବା ଦାୟିତ୍ୱ ହେଉଛି ଆମ ସମସ୍ତଙ୍କର। ମୁଖମନ୍ତ୍ରୀ ଘୋଷଣା କରିଥିବା ସମସ୍ତ କାର୍ଯ୍ୟକୁ ନିଷ୍ଠୁଣଭାବେ କରିବା ପାଇଁ ସଂକଳ୍ପ ନେବାକୁ ଶ୍ରୀ ସାମଲ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି।



# ଜୀବନଚର୍ଯ୍ୟା





## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



### ଖବର

## ସାମ୍ନାକୁ ଆସିଲା 'ରକ୍ତ ଗୋଲାପ'ର ଫାର୍ଷ୍ଟ ଲୁକ




ଚର୍ଚ୍ଚିତ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ଫାର୍ଷ୍ଟ ଲୁକ ସାମ୍ନାକୁ ଆସିଛି। ଯେଉଁଥିରେ ନାୟିକା ଏଲିନା ସାମନ୍ତରାୟଙ୍କୁ ଦେଖିବାକୁ ମିଳିଛି। ପୋଷ୍ଟର ଟି ସୁଦୃଶ୍ୟ ହେବା ସହ ଆକର୍ଷଣୀୟ ହୋଇ ପାରିଛି। 'ରକ୍ତ ଗୋଲାପ 'ର କାହାଣୀରେ ପ୍ରେମ, ରହସ୍ୟ ଓ ନାଟକୀୟତା ଭରି ରହିଥିବା ବେଳେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଅଶ୍ରୁଜିତ ମହାପାତ୍ର ଓ ଶୋଭନ ଦାସ। ନିର୍ଦ୍ଦେଶନା ଦେଇଛନ୍ତି ଶିଶିର କୁମାର ସାହୁ ଓ ପିନାକୀ ସିଂହ ପୂର୍ବରୁ 'ଚରିତ୍ର' (୨୦୨୦), 'ଡାଲଚିନି' (୨୦୨୨) ଓ 'ଫାଲଗୁନ ଚୈତ୍ର'ର ନିର୍ଦ୍ଦେଶନା ଦେଇ ବେଶ ସଫଳତା ହାସଲ କରିଛନ୍ତି। ଏହି ନିର୍ଦ୍ଦେଶକ ଯୋଡି। ପ୍ରେମ ଓ ତ୍ୟାଗର ମହନୀୟତା ସାଥିରେ ନ୍ୟାୟିକ ଲଢେଇ ଉପରେ ପର୍ଯ୍ୟବସିତ ଏହାର କାହାଣୀ। ଜଣେ ନାରୀ କିଭଳି ନିଜ ପରିବାରର ସୁରକ୍ଷା ପାଇଁ ଏକ ବଡ ଆହ୍ୱାନକୁ ଗ୍ରହଣ କରିନିଏ ଏଥିରେ ତାର ନିଛକ ଅବତାରଣା ରହିଛି। ଏଲିନାଙ୍କ ବ୍ୟତୀତ ଅଭିଷେକ ଗିରି, ସମରେଶ ରାଉତରାୟ, ଚୌଧୁରୀ ଜୟପ୍ରକାଶ ଦାସ, ହର ରଥ ଓ ଉଦିତ ଗୁରୁଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। 'ରକ୍ତ ଗୋଲାପ'ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଶିଷ ପ୍ରଧାନ। ଚିତ୍ରନାଟ୍ୟ ତଥା ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଓ ଅନିଲ ବାରିକୟ କ୍ୟାମେରା ପରିଚାଳନା କରିଛନ୍ତି ଯୁଧିଷ୍ଠିର ବେହେରା। ସମ୍ପାଦନାରେ ଅଛନ୍ତି ଅଙ୍କିତ ବିଦ୍ୟାଧରୟ ଶବ୍ଦସଜାରେ ଶକ୍ତି ସ୍ୱରୂପ ଦ୍ୱିବେଦୀ ଥିବା ବେଳେ କଳା ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମହାନ୍ତି। ବିତରଣ ଦାୟିତ୍ୱ ବହନ କରିଛନ୍ତି ରାଜଶ୍ରୀୟ'ରକ୍ତ ଗୋଲାପ' ଦର୍ଶକଙ୍କୁ ବେଶ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ଅଛନ୍ତି।

## ଘରର ପାଣି ଟାଙ୍କି କେଉଁଠି ରହିବା ଉଚିତ



ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି ଫ ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନ ଥା'ନ୍ତି। ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।

୧. ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

୨. ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ୍ୟ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି। ବରୁଣ ଦେବତା ଜଳର ଦେବତା ଅଟନ୍ତି।

୩. ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

୪. ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ନିର୍ମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ।

## ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'

ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ। ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?



**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

♦ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ।

♦ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

♦ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

♦ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

♦ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

♦ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ। ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ।

## କାଳୀୟ ଦଳନ



ଦିନେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀ କୂଳରେ ପହଞ୍ଚିଲେ। ତାଙ୍କ ସହିତ ବଳରାମ ନଥିଲେ। ଯମୁନା ନଦୀର ଜଳ କାଳୀୟ ନାଗର ବିଷ ଦ୍ୱାରା ନୀଳ ପଡ଼ିଯାଇଥିଲା। ସେଦିନ ପ୍ରବଳ ଗରମ ହେଉଥିଲା। ଗୋପବାଳକ ଓ ଗାଈଗୋରୁ ଶୋଷରେ ଆଉଟୁପାଉଟୁ ହେଉଥିଲେ। ଆଗପଛ ବିଚାର ନକରି ସମସ୍ତେ ଯମୁନା ନଦୀ ଜଳ ପିଇଗଲେ। ହେଲେ ବିଷ ପ୍ରଭାବରୁ ସମସ୍ତେ ପ୍ରାଣ ହରାଇଲେ। ଶ୍ରୀକୃଷ୍ଣ ଏସବୁ ଦୃଶ୍ୟ ଦେଖୁଥିଲେ। ସେ ତତ୍କ୍ଷଣାତ ସମସ୍ତଙ୍କୁ ବଞ୍ଚାଇଦେଲେ। ଏହାପରେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀର ଜଳକୁ ବିଷମୁକ୍ତ କରିବାକୁ ଚେଷ୍ଟା କଲେ। ଅଣ୍ଟାରେ ଗାମୁଛା ବାନ୍ଧି ସେ କଦମ୍ବ ଗଛକୁ ଚଢ଼ିଗଲେ ଏବଂ ସେଠାରୁ ଯମୁନା ନଦୀକୁ ଡେଇଁ ପଡ଼ିଲେ। ପାଣିରେ ସେ ଖେଳିବାକୁ ଲାଗିଲେ। ହାତ ଆଞ୍ଜୁଳିରେ ଯମୁନା ଜଳ ଫିଙ୍ଗିବାକୁ ଲାଗିଲେ। ଯମୁନା ନଦୀରେ ବଡ଼ ବଡ଼ ଢେଉ ଉଠିଲା। କାଳୀୟ ନାଗ ଏହି ଆଭାସ ପାଇଲା। ସେ କ୍ରୋଧିତ ହୋଇପଡ଼ିଲା ଓ ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଆସି ଉଭା ହେଲା। ସେ ଦେଖିଲା ଯେ କୃଷ୍ଣବର୍ଣ୍ଣର ଏକ ସୁନ୍ଦର ବାଳକ ଯମୁନା ଜଳରେ ଖେଳୁଛି। କାଳୀୟନାଗ ଲାଙ୍ଗୁଡ଼ରେ କୃଷ୍ଣଙ୍କୁ ଗୁଡ଼ାଇ ଚାପିଦେଲା। କୃଷ୍ଣଙ୍କୁ ଏଭଳି ସ୍ଥିତିରେ ଦେଖି ଅନ୍ୟ ଗୋପବାଳକ ଓ ଗୋରୁଗାଈ ଭୟଭୀତ ହୋଇପଡ଼ିଲେ। ମାତ୍ର ପରକ୍ଷଣରେ ଶ୍ରୀକୃଷ୍ଣ ନିଜକୁ ନାଗ କବଳରୁ ଛଡ଼ାଇନେଲେ। ଏହାପରେ କୃଷ୍ଣ ଓ ନାଗ ମଧ୍ୟରେ ଛକାପଞ୍ଝା ଲାଗି ରହିଲା। ଶେଷରେ ଶ୍ରୀକୃଷ୍ଣ କାଳୀୟ ନାଗର ଫଣା ଉପରକୁ ଚଢ଼ିଗଲେ ଏବଂ ନାଚିବାକୁ ଲାଗିଲେ। ଦୀର୍ଘ ସମୟ ଧରି ସେ ବଂଶୀ ବଜାଇ ନାଚିବା ଜାରି ରଖିଲେ। ଭଗବାନଙ୍କୁ ନାଚୁଥିବାର ଦେଖି ଦେବତା, ଯକ୍ଷ, ଗନ୍ଧର୍ବ ଆନନ୍ଦିତ ହୋଇ ମୃଦଙ୍ଗ ବଜାଇବାକୁ ଲାଗିଲେ। ସମଗ୍ର ସ୍ୱର୍ଗପୁରୀ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଏହି ଲୀଳା ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇଉଠିଲା। ଶ୍ରୀକୃଷ୍ଣଙ୍କ ପାଦର ଭାର ସହିନପାରି କାଳୀୟ ନାଗ ରକ୍ତବାନ୍ତି କରିପକାଇଲା। ନାଗର ପତ୍ନୀ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପ୍ରକଟ ହୋଇ କ୍ଷମା ପ୍ରାର୍ଥନା କଲା। ହେ ଭଗବାନ! ଦୁଷ୍ଟମାନଙ୍କର ସଂହାର ପାଇଁ ଆପଣ ଅବତାର ନେଇଛନ୍ତି। ଆପଣଙ୍କ ଶୌର୍ଯ୍ୟ ଦେଖି ଆମେ ମଧ୍ୟ ନିଜ ଭୁଲ୍ ବୁଝିପାରିଛୁ। କାଳୀୟ ନାଗ ଆପଣଙ୍କ ଚାପ ସହିବାରେ ଅସମର୍ଥ। ଦୟାକରି ତା'କୁ କ୍ଷମା ଦିଅନ୍ତୁ। ଦୟାଳୁ ଭଗବାନ କାଳୀୟ ନାଗକୁ ଛାଡ଼ିଦେଲେ। ତେଣୁ ସେ ଭଗବାନଙ୍କୁ ପ୍ରାର୍ଥନା କରି କହିଲା, ହେ ପରମେଶ୍ୱର! ଆପଣଙ୍କ ସୃଷ୍ଟିରେ ଆମେ ସର୍ପଗଣ ତମୋଗୁଣର ପ୍ରତିନିଧିତ୍ୱ କରିଥାଉ। ତେଣୁ ହେ ଭଗବାନ! ମୁଁ ଆପଣଙ୍କ ମାୟା ଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ିଯାଇଛି। ଦୟାକରି ମୋର ତ୍ରୁଟି ମାର୍ଜନା କରନ୍ତୁ। ଏହାପରେ ଭଗବାନ କାଳୀୟକୁ କ୍ଷମାଦାନ କଲେ। କାଳୀୟ ନାଗ ସବୁଦିନ ପାଇଁ ଯମୁନା ନଦୀ ତ୍ୟାଗ କରି ରମନକଦ୍ୱୀପରେ ରହିବାକୁ ଚାଲିଗଲା। ସେବେଠାରୁ ଯମୁନା ଜଳ ବିଷ ପ୍ରଭାବରୁ ମୁକ୍ତ ହୋଇଗଲା।

## ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା। ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା। ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା। ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା। ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ। ମା' ପୁତ୍ରକୁ ୩ଟି ଶର ଦେଲେ। ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା। ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା। ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ। ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ। ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ। ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ। ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା। ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ। ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ। ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ। ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ। ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ। ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ। ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ। ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି। ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି। ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ। ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ। ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା। ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ। ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା।

# ୧୫ ଲକ୍ଷ ହେକ୍ଟର ଜମିକୁ କରାଯିବ ଜଳସେଚନ



**ଭୁବନେଶ୍ୱର,୧୫।୧୧ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ 'ଓଡିଶା ରାଜ୍ୟ ଜଳ ସମ୍ପଦ ବୋର୍ଡ'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦବିଭାଗ ଶ୍ରୀମତୀ ଅନୁ ଗର୍ଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ. ଅରବିନ୍ଦ କୁମାର ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ଜଳ ସମ୍ପଦ, ଶକ୍ତି, ଗୃହ ଓ ନଗର ଉନ୍ନୟନ ବିଭାଗ, ଶିଳ୍ପ, ଇସ୍ପାତ ଓ ଖଣି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିଲେ।

ବୈଠକରେ କାର୍ଯ୍ୟକାରୀ 'ରାଜ୍ୟ ଜଳ ନୀତି' ପ୍ରସ୍ତୁତିର ଅଗ୍ରଗତି, ୨୦୨୯ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା, ଜଳସେଚନ କ୍ଷମତା ସୃଷ୍ଟି ଓ ପ୍ରକୃତ ଜଳ ଉପଯୋଗିତା ମଧ୍ୟରେ ରହୁଥିବା ଅନ୍ତରକୁ ହ୍ରାସ କରିବା ଏବଂ ଉଠା ଜଳ ସେଚନ ପ୍ରକଳ୍ପ (ଏଲଆଇପି)ରେ ଜଳର ତତ୍କାଳିକ ମାପ (ରିଅଲ ଟାଇମ ମେଜରମେଣ୍ଟ) ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ବିଷୟରେ ବିସ୍ତୃତ ଉପସ୍ଥାପନ କରାଯାଇଥିଲା। ଏଥିସହିତ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ମୁଖ୍ୟ କମିଟିଗୁଡିକୁ ରାଜ୍ୟ ଜଳ ସଂପଦ ବୋର୍ଡ ସହ ସମନ୍ୱିତ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା, ଜଳ ସମ୍ପଦ ବିଭାଗ ଏବଂ ଜଳ ବ୍ୟବହାରକାରୀ ସମ୍ପୃକ୍ତ ଅଂଶୀଦାରୀ ବିଭାଗମାନଙ୍କୁ ଜଳ ସମ୍ପଦର ବିକାଶ ଓ ଜଳ ପରିଚାଳନା କ୍ଷେତ୍ରରେ 'ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭'ରେ ରହିଥିବା ବିଭାଗୀୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ପାଇଁ ସମନ୍ୱିତ ଓ ନିରନ୍ତର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ 'ରାଜ୍ୟ ଜଳ ନୀତି' ଖସଡ଼ାର ପ୍ରମୁଖ ଦୃଷ୍ଟିକୋଣ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ। ସେ ରାଜ୍ୟରେ ଜଳସେଚନ ଅଞ୍ଚଳ ବୃଦ୍ଧି ଏବଂ ଜଳ ସେଚନ ସୃଷ୍ଟି କରାଯାଇଥିବା ଜଳ ସଂପଦ କ୍ଷମତାର ଅଧିକତମ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଓଏଲଆଇସିର ପରିଚାଳନା ନିର୍ଦ୍ଦେଶିକା, ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକରେ ଜଳ ବ୍ୟବହାରର ତତ୍କାଳିକ ମାପ ନିମନ୍ତେ ପ୍ରଯୁକ୍ତି ବିଦ୍ୟା ଉପଯୋଗ ସଂପର୍କରେ ଉପସ୍ଥାପନ କରିଥିଲେ।

# ବିଏମ୍‌ସି ଅଞ୍ଚଳରେ ଲାଗିଲା ୧ ଲକ୍ଷ ବୃକ୍ଷ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଜାରି ରହିଛି ବୃକ୍ଷ ରୋପଣ କାର୍ଯ୍ୟକ୍ରମ। ଭୁବନେଶ୍ୱରକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ବିଏମ୍ ସି ଅଂଚଳରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ଏକ ଲକ୍ଷ ବୃକ୍ଷ ରୋପଣ ହୋଇସାରିଥିବା ବେଳେ ଆହୁରି ବୃକ୍ଷ ରୋପଣ କରିବା ପାଇଁ ଯୋଜନା ରହିଛି। ଆଜି ଗୋଟିଏ ଦିନରେ ଦୁଇ ଦୁଇଟି ସ୍ଥାନରେ ହେଲା ମିଆୱାକି ପଦ୍ଧତିରେ ବୃକ୍ଷ ରୋପଣ। ଉତ୍ତର ମଣ୍ଡଳ ଅଧିନସ୍ଥ ପଳାଶୁଣିଠାରେ ଥିବା ମେଗା ଏମ୍ଆରଏଫ ପରିସରରେ ମିଆୱାକି ପଦ୍ଧତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ଫରେଷ୍ଟର ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୪ ହଜାର ବୃକ୍ଷ ରୋପଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି କଳିଙ୍ଗ ନଗର ନିକଟ ଆଇସିଏଆର-୨ ନିକଟରେ ବୃକ୍ଷ ରୋପଣ କରାଯାଇଛି। ଦକ୍ଷିଣ-ପଶ୍ଚିମ ଜୋନ ଅନ୍ତର୍ଗତ ୨୪ ନମ୍ବର ୱାର୍ଡରେ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମେୟର ଓ ଡେପୁଟି ମେୟରଙ୍କ ସହ ସ୍ଥାନୀୟ କର୍ପୋରେଟର ଦୀପକ କୁମାର ମିଶ୍ର, ଆଇସିଓଆର ନିର୍ଦ୍ଦେଶକ ଡଃ ମୃଦୁଳା ଦେବୀ, ନଗର ବନ୍ଧୁ ଅରୁଣ ମହାନ୍ତି, ଚନ୍ଦକା ଡିଭିଜନର ଡେପୁଟି ରେଞ୍ଜର ଧାନଚାନ୍ଦ ଟୁଡୁ, ଫରେଷ୍ଟର ସତ୍ୟ ପଟ୍ଟନାୟକଙ୍କ ସମେତ ବହୁ ବନ ବିଭାଗ କର୍ମଚାରୀ ଓ ଟିମ୍ ବିଏମ୍ ସିଙ୍କ ଉପସ୍ଥିତିରେ ବୃକ୍ଷ ରୋପଣ କରାଯାଇଥିଲା। ସଂପ୍ରତି ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ପ୍ରାୟ ୧ ଲକ୍ଷ ବୃକ୍ଷ ରୋପଣ



କରାଯାଇଛି । ମିଆଁୱାକି ପଦ୍ଧତିରେ ବିଭିନ୍ନ ସ୍ଥାନରେ ୭୦ ହଜାର ବୃକ୍ଷ ରୋପଣ କରାଯାଇଥିବା ବେଳେ ଆଭେନ୍ୟୁ ପ୍ରଣାଳୀରେ ୨୭ ହଜାରରୁ ଅଧିକ ବୃକ୍ଷ ରୋପଣ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଡେପୁଟି କମିଶନର ଶ୍ରୀମତୀ କାଜଲ ପ୍ରଧାନ ।

# ଚଳଚ୍ଚିତ୍ର ସରଂକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଏଥିରେ ଅନେକ ସ୍ମୃତି ଜଡ଼ିତ ହୋଇ ରହିଛି। ଆମେ ଯେତେବେଳେ ଏହାର ସରଂକ୍ଷଣ ପାଇଁ ଉଦ୍ୟମ କରୁଛୁ ନିଶ୍ଚିତ ରୂପେ ଏହି ସ୍ମୃତି ସବୁ ଜୀବିତ ହେବ ଏବଂ ଆଗାମୀ ପିଢ଼ି ଏଥିରୁ ପ୍ରେରଣା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳାଭୂମି ଠାରେ ଆୟୋଜିତ ୧୦ମ ଚଳଚ୍ଚିତ୍ର ସରଂକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫ର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଚଳଚ୍ଚିତ୍ର ଐତିହ୍ୟର ସୁରକ୍ଷା ପାଇଁ ଏହି କର୍ମଶାଳା ଏକ ଯୁଗପୋଯୋଗୀ ପଦକ୍ଷେପ। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍'ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ୨୦୨୫ର ଦଶମ ସଂସ୍କରଣ ଆୟୋଜିତ ହୋଇଛି। ଏହି କର୍ମଶାଳାରେ ଦେଶ ବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି। ଏହି କର୍ମଶାଳା ୧୯ ତାରିଖ ପର୍ଯ୍ୟନ୍ତ



ଚଳିବ। ଉଦଘାଟନ ଅବସରରେ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଶ୍ରୀମତୀ ୱହିଦା ରେହମାନ ଉପସ୍ଥିତ ଥିବାବେଳେ ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳଚ୍ଚିତ୍ର ସଂରକ୍ଷଣ କେବଳ ଏକ ଟେକ୍ନିକାଲ୍ କାମ ନୁହେଁ, ଏହା ଏକ ସାଂସ୍କୃତିକ ଦାୟିତ୍ୱ। ଏହି କର୍ମଶାଳା ଆମର ଚଳଚ୍ଚିତ୍ର ନିର୍ମାତା ଓ ଚଳଚ୍ଚିତ୍ର ସହ ସମ୍ପୃକ୍ତ ସମସ୍ତଙ୍କୁ ସଶକ୍ତ କରିବା ସହିତ ଆମର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବିଶ୍ୱସ୍ତରୀୟ ମାର୍ଗଦର୍ଶନ ପ୍ରଦାନ କରିବ। ୧୯୭୩ ମସିହାରେ ନିର୍ମିତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର କନକଲତା ଓ ୧୯୮୪ ରେ ନିର୍ମିତ ହୋଇଥିବା ମାୟାମିରିଗ ଚଳଚ୍ଚିତ୍ରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍'କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, କନକଲତା ଚଳଚ୍ଚିତ୍ରର ନିର୍ମାତା ଘନଶ୍ୟାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦିଅ



**ଭୁବନେଶ୍ୱର,୧୫।୧୧ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପଞ୍ଜାବର ଲୁଧିଆନାରେ ଅନୁଷ୍ଠିତ ୩୩ତମ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହରେ ଯୋଗଦେଇ ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାରର ଆୟୋଜନ କେବଳ ସମ୍ମାନ ଦେବା ପାଇଁ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣରେ ଶିକ୍ଷା, ସେବା ଏବଂ ସ୍ୱଦେଶୀ ଚିନ୍ତାଧାରାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନର ପ୍ରତୀକ। ବର୍ତ୍ତମାନ ସମଗ୍ର ଦେଶରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍'ର ୧୫୦ ଗୌରବମୟ ବର୍ଷ ପାଳନ କରାଯାଉଛି। ଏହି ଗୀତ ଆମକୁ ସ୍ୱରାଜ୍ୟ ପାଇଁ ସଂଘର୍ଷ କରିବାକୁ ଶକ୍ତି ଦେଇଥିଲା। ଅପରପକ୍ଷରେ ଏହି ଅବସର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସଂକଳ୍ପ ଦିଗରେ ଦେଶବାସୀଙ୍କୁ ଅଗ୍ରସର କରାଉଛି। ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ ଆଧାରିତ ଅର୍ଥନୀତିର ଶତାବ୍ଦୀ। ଏହି ଦିଗରେ ଜାତୀୟ ଶିକ୍ଷା ନୀତି ଏକ ବୈପ୍ଲବିକ ପଦକ୍ଷେପ। ଏହି ନୀତି ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ ବିକାଶ, ମାତୃଭାଷାରେ ଶିକ୍ଷା ଏବଂ କୌଶଳ ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛି। ଯେତେବେଳେ ଆମ ଦେଶର ଶିକ୍ଷା ଜଗତ ଏବଂ ସତ ପଲ ମିତଲ ବିଦ୍ୟାଳୟ ପରି ଅନୁଷ୍ଠାନ ଏହାକୁ ମୂଳରୁ ଆପଣାଇବେ, ସେତେବେଳେ ଭାରତ କେବଳ ସମୃଦ୍ଧ ହେବ ନାହିଁ, ବରଂ ବିଶ୍ୱରେ ଜ୍ଞାନର ମାର୍ଗଦର୍ଶକ ପାଲଟିବ। ଏହା ମଧ୍ୟ ଗର୍ବର ବିଷୟ ଯେ ଲୁଧିଆନାର ମାଟିରୁ ଆରମ୍ଭ ହୋଇଥିବା ଭାରତୀ ସମୂହ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣକୁ ସାକାର କରି ବିଶ୍ୱର ଶୀର୍ଷ କମ୍ପାନୀମାନଙ୍କ ମଧ୍ୟରେ ସାମିଲ ହୋଇଛି। ଏହା ସ୍ୱଦେଶୀ ଉଦ୍ୟମିତା ଏବଂ ଭାରତୀୟ ପ୍ରତିଭାର ବିଜୟଗାଥା।

# ସଫଳତା ଓ ଶାନ୍ତି ପାଇଁ ଆଧ୍ୟାତ୍ମିକ ଜୀବନ ଲୋଡ଼ା

**ଭୁବନେଶ୍ୱର,୧୫।୧୧ (ମହାଭାରତ)::** ଜୀନରେ ସଫଳତା, ଆନନ୍ଦ ଶାନ୍ତି ପାଇଁ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ, କଠିନ ପରିଶ୍ରମ ଓ ସର୍ବୋପରି ଆଧ୍ୟାତ୍ମିକ ଜୀବନ ଲୋଡ଼ା ବୋଲି ଇନ୍ଦାଲୋ ପଞ୍ଚାୟତ ସୟରଦା ଏକାଡେମୀ ଉଚ୍ଚବିଦ୍ୟାଳୟ ସଭାଗୃହରେ ପ୍ରଧାନଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ବରାଳଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ପୂଜ୍ୟ ପୂଜା, ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ସମାଜସେବୀ ସୁକାନ୍ତ ପ୍ରଧାନ ଯୋଗ ଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଏହା ମତବ୍ୟକ୍ତ କରିଥିଲେ। ବକ୍ତା ଓ ଆଲୋଚକ ଭାବେ ପୂଜ୍ୟ ପୂଜା, ଓଡ଼ିଶାର ସଂପାଦକ ତଥା ବିଶିଷ୍ଟ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର କହିଲେ ଯେ, ପୂଜ୍ୟ ପୂଜା ଆମ ପରମ୍ପରାରେ ପାତାଳଭେଦୀ ସଂସ୍କୃତି। ଯେଉଁଥିପାଇଁ ଆମେ ବାପା ମାଆ, ଗୁରୁ, ଅତିଥିଙ୍କୁ ଭଗବାନ ଭାବେ ଗ୍ରହଣ କରିବାକୁ ଆମ ଶାସ୍ତ୍ର ଶିକ୍ଷା ଦିଅନ୍ତି। ଏହି ଅବସରରେ ଆଦିକବି ସାରଳା ଦାସ, ଜଗନ୍ନାଥ ଦାସ, ସ୍ୱଭାବକବି ଗଙ୍ଗାଧର, ଉତ୍କଳମଣି ଗୋପବନ୍ଧୁ, ମଧୁ ବାବୁଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରି ସେହି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଭାଗବତ, ଗୀତା ଉପରେ ଆଲୋଚନା କରାଯାଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାତ୍ମାଗାନ୍ଧୀ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ଇଂ ଅମ୍ବର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ଦିବସ ପାଳିତ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ବୀମା ସମ୍ବନ୍ଧୀୟ (ଫସଲ ବୀମା ବ୍ୟତୀତ) ଅଭିଯୋଗଗୁଡିକର ଆଶୁ ସମାଧାନ ନିମନ୍ତେ ଭାରତ ସରକାର ୧୮ଟି ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ କାର୍ଯ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ପ୍ରତିବର୍ଷ ପରି ଏଥର ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ଦିବସ, ମଙ୍ଗଳବାର ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାର ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବା ନିମନ୍ତେ କ୍ଷମତା ପ୍ରଦାନ କରିଛନ୍ତି ଏବଂ ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନଙ୍କ ଆଦେଶକୁ ବୀମା କମ୍ପାନୀମାନଙ୍କୁ ପାଳନ କରିବା ନିମନ୍ତେ ଆଇନତଃ ବାଧ୍ୟ କରିଛନ୍ତି । ବିଗତ ଆର୍ଥିକ ବର୍ଷ (୨୦୨୪-୨୫) ରେ ସର୍ବମୋଟ ୧୩୪୧ ଟି ଅଭିଯୋଗର ନିଷ୍ପତି କରାଯାଇଛି । ସବୁଠାରୁ ଉଲ୍ଲେଖନୀୟ ଉପଲବ୍ଧି ଏହା ଯେ ଶତପ୍ରତିଶତ ଅଭିଯୋଗ ମାତ୍ର ୬୦ ଦିନ ମଧ୍ୟରେ ଅର୍ଥାତ ନିର୍ଦ୍ଧାରିତ ସମୟସୀମା (୯୦ ଦିନ) ର ବହୁ ପୂର୍ବରୁ ବ୍ୟକ୍ତିଗତ ଏବଂ ଆଭାସୀ ଶୁଣାଣି ମାଧ୍ୟମରେ ନ୍ୟାୟିକ ନିଷ୍ପତି ଦିଆଯାଇ ପାରିଛି । ଅନେକ ଅଭିଯୋଗ, କମ୍ପାନୀ ଏବଂ ଅଭିଯୋଗକାରୀଙ୍କ ଆପୋଷ ସହମତିରେ ସମାଧାନ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ଅନୁଷ୍ଠାନ ବିନାମୂଲ୍ୟରେ ସମସ୍ତ ବୀମା ସମ୍ବନ୍ଧିତ ଅଭିଯୋଗଗୁଡିକର ବିଚାର ତଥା ନିଷ୍ପତି କରିଥାଏ। ଏଥି ନିମନ୍ତେ କୌଣସି ତୃତୀୟ ପକ୍ଷଙ୍କ ସାହାଯ୍ୟର ଆବଶ୍ୟକତା ନଥାଏ। ବୀମାଧାରୀମାନେ ଅନଲାଇନ ଏବଂ ଅଫ ଲାଇନରେ ନିଜର ଅଭିଯୋଗ ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ମୁଖ୍ୟ ଅତିଥି ଭାବରେ ନ୍ୟାସନାଲ ଇନ୍ସୁରାନ୍ସ ଏକାଡେମୀର ପୂର୍ବତନ ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ୟୁନିଭରସିଟିର ପୂର୍ବତନ କୁଳପତି ତଥା ସହ ପ୍ରତିଷ୍ଠାତା କୈଳାଶ ଚନ୍ଦ୍ର ମିଶ୍ର ଉଦବୋଧନ ଦେଇଥିଲେ।

# ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ କରାଇବା କ୍ଷେତ୍ରରେ ସହଜ ସେବା ଉପଲବ୍ଧ କରାଇବା ପାଇଁ ରେଳ ମନ୍ତ୍ରଣାଳୟର ପରାମର୍ଶ ଅନୁଯାୟୀ ଦେଶବ୍ୟାପୀ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ୪.୦ ନଭେମ୍ବର ମାସ ପହିଲା ଠାରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଛି। ହିତାଧିକାରୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୁନିଶ୍ଚିତ କରିବା ପାଇଁ, ରେଳମଣ୍ଡଳ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନଗୁଡ଼ିକରେ ବ୍ୟାନର ଏବଂ ସୂଚନା ପ୍ରଦର୍ଶନ ମାଧ୍ୟମରେ ପ୍ରଚାର କାର୍ଯ୍ୟକ୍ରମ ଗ୍ରହଣ କରିଥିଲାବେଳେ ସେମାନଙ୍କ ସୂଚନା ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିଥିଲା। ପଲାସା, ବ୍ରହ୍ମପୁର, ବାଲୁଗାଁ ଏବଂ ପୁରୀରେ ଚାରିଟି ଡିଏଲସି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇସାରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଆଗାମୀ ମେଗା ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ (ଡିଏଲସି) ଶିବିରଗୁଡ଼ିକ ମଧ୍ୟରେ ୧୩ ନଭେମ୍ବରରେ ଖୋର୍ଦ୍ଧା ରୋଡ୍ ମୁଖ୍ୟାଳୟ (ଟ୍ରାଫିକ୍ କଲୋନି କଲ୍ୟାଣ ମଣ୍ଡପ) ଠାରେ ସ୍ୱାସ୍ଥ୍ୟ ଶିବିର ସହିତ ଆୟୋଜିତ ହେବାକୁ ଥିବାବେଳେ ୧୫ ନଭେମ୍ବରରେ ଭୁବନେଶ୍ୱର (ଷ୍ଟେସନ୍), ୧୭ ନଭେମ୍ବରରେ କଟକ ରେଳ ଇନସ୍ଟିଚ୍ୟୁଟ, ୧୯ ନଭେମ୍ବରରେ କେନ୍ଦୁଝରଗଡ଼ ରେଳ ଷ୍ଟେସନ, ୨୦ ନଭେମ୍ବର ରେ ଅନୁଗୁଳ (ଇଲେକ୍ଟ୍ରିକ୍ ଲୋକୋ ସେଡ୍ ମିଟିଂ ହଲ୍), ୨୪ ନଭେମ୍ବର ୨୦୨୫ରେ ତାଳଚେର ରେଳ ଷ୍ଟେସନ, ୨୭ ନଭେମ୍ବର ୨୦୨୫ରେ ଭଦ୍ରକ ରେଳ ଷ୍ଟେସନ ଏବଂ ୨୮ ନଭେମ୍ବର ୨୦୨୫ରେ ପାରାଦୀପ (ଏରିଆ ମ୍ୟାନେଜର ବିଲଡିଂ)ରେ ଏହି ମେଗା ଶିବିର ଆୟୋଜନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ସମସ୍ତ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ଶିବିରରେ ଯୋଗଦେବାକୁ ଅନୁରୋଧ କରାଯାଇଛି।




# ସାଇନ୍ସ ସିଟି ନିମନ୍ତେ ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଲେ ମନ୍ତ୍ରୀ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ପୂର୍ବ ଭାରତରେ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ତଥା ବୈଜ୍ଞାନିକ ଅନୁସନ୍ଧିତ୍ସା ଏବଂ ଶିକ୍ଷା ପାଇଁ ବିଶେଷ କରି ଯୁବପିଢିଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଭୁବନେଶ୍ୱର ଠାରେ ଏକ ସାଇନ୍ସ ସିଟି ନିର୍ମାଣ ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି। ଏହା ୧୦୦ଏକର ପରିମିତ ସ୍ଥାନରେ ନିର୍ମାଣ କରାଯିବ। ଉକ୍ତ ସାଇନ୍ସ ସିଟି ନିର୍ମାଣ ଅଗ୍ରଗତି ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱରର ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଛନ୍ତି।



ଭୁବନେଶ୍ୱର ତହସିଲ ଅନ୍ତର୍ଗତ ହରିପୁର ଓ ଭଗବତୀପୁର ମୌଜାର ଦୁଇଟି ସ୍ଥାନକୁ ସ୍ଥାନକୁ ମନ୍ତ୍ରୀ ଶ୍ରୀ ପାତ୍ର ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସବୁ ଦିଗକୁ ବିଚାରକୁ ନେଇ ଏହି ଦୁଇଟି ସ୍ଥାନ ମଧ୍ୟରୁ କୌଣସି ଗୋଟିଏ ସ୍ଥାନରେ ହିଁ ସାଇନ୍ସ ସିଟି ନିର୍ମାଣ କରିବାର ପ୍ରସ୍ତାବ ରହିବ। ଏହି ଅବସରରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ ଓ ଭୁବନେଶ୍ୱର ତହସିଲଦାର ସମ୍ପୃକ୍ତ ସ୍ଥାନର ନକ୍ସା ଦେଖାଇବା ସହ ଅବସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପୂର୍ବରୁ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଉଚ୍ଚ ସ୍ତରୀୟ ଦଳ କୋଲକାତା, ଅହମଦାବାଦ ଓ ବିହାରର ପାଟନା ସ୍ଥିତ ସାଇନ୍ସ ସିଟି ପରିଦର୍ଶନ କରି ବିଜ୍ଞାନ କେନ୍ଦ୍ର ଉଚ୍ଚ କର୍ତୃପକ୍ଷଙ୍କ ସହ ସବିଶେଷ ଆଲୋଚନା କରି ନିର୍ମାଣଶୈଳୀ ବାବଦରେ ଅବଗତ ହୋଇଛନ୍ତି।

# ଲାଲ ଚନ୍ଦନର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଓଡ଼ିଶା ବନ ବିଭାଗକୁ ୨୯.୪୦ ଲକ୍ଷ ଟଙ୍କା ପ୍ରଦାନ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ଜାତୀୟ ଜୈବ ବିବିଧତା ପ୍ରାଧିକରଣ (ଏନବିଏ) ଲାଲ ଚନ୍ଦନ ଗଛର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଉପଲବ୍ଧତା ଏବଂ ଲାଭ ଆବଣ୍ଟନ (ଏବିଏସ) ବ୍ୟବସ୍ଥା ଅଧୀନରେ ଓଡ଼ିଶା ବନ ବିଭାଗକୁ ୨୯.୪୦ ଲକ୍ଷ ଟଙ୍କା ପ୍ରଦାନ କରିଛି। ଏନବିଏ ଭାରତର ସ୍ଥାନୀୟ ଜୈବିକ ସମ୍ପଦର ଦୀର୍ଘସ୍ଥାୟୀ ବ୍ୟବହାର ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନିରନ୍ତର ପ୍ରୟାସ ସ୍ୱରୂପ ଏହି ପଦକ୍ଷେପ ନେଇଛି। ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ବନ ବିଭାଗରୁ ସଂଗୃହିତ ଲାଲ ଚନ୍ଦନ କାଠ ଗଣ୍ଡିରୁ ପ୍ରାପ୍ତ ଲାଭ ବିତରଣ ଅର୍ଥରୁ ଏବିଏସ ପାଣ୍ଠି ସୃଷ୍ଟି କରାଯାଇଥିଲା। ଏହି ଗଛଗୁଡ଼ିକ ଏକ ଶତାବ୍ଦୀରୁ ଅଧିକ ପୁରୁଣା ବୋଲି ବିଶ୍ୱାସ କରାଯାଏ। ତତ୍କାଳୀନ ପାରଳାଖେମୁଣ୍ଡିର ମହାରାଜାଙ୍କ ଦ୍ୱାରା ମୂଳତଃ ବୃକ୍ଷଗୁଡ଼ିକ ରୋପଣ କରାଯାଇଥିଲା। ୨୦୧୮ ବାତ୍ୟା ସମୟରେ ଲାଲ ଚନ୍ଦନ ଗଛ ପ୍ରାକୃତିକ ଭାବେ ଭାଙ୍ଗି ପଡ଼ିଥିଲା। ଏହାପରେ ଓଡ଼ିଶା ବନ୍ୟ ବିକାଶ ନିଗମ ଭାଙ୍ଗିପଡ଼ିଥିବା ଲାଲ ଚନ୍ଦନ କାଠ ନିଲାମ କରିଥିଲା। ଏନବିଏ ଦ୍ୱାରା ସାରା ଦେଶରେ ଜୈବିକ ସମ୍ପଦର ସଂରକ୍ଷଣ ପ୍ରୟାସକୁ ସମର୍ଥନ କରିବ କରିବା ଲାଗି ଏବିଏସ ବିତରଣର ଏକ ଅଂଶବିଶେଷ ସ୍ୱରୂପ ଏହି ପାଣ୍ଠି ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏନବିଏ ପ୍ରାୟୋଜିତ ଗବେଷଣା ପ୍ରକଳ୍ପ ସମେତ ଲାଲ ଚନ୍ଦନର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଆନ୍ଧ୍ର ପ୍ରଦେଶ ବନ ବିଭାଗ, କର୍ଣ୍ଣାଟକ ବନ ବିଭାଗ ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ୫୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରିଛି।

# ସାଂସଦ ଅପରାଜିତା ଜେପିସି ଚେୟାରମ୍ୟାନ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଆଉ ଏକ ବଡ଼ ଦାୟିତ୍ୱ। ନବ ଗଠିତ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ବା ଜେପିସିର ଚେୟାରମ୍ୟାନ ଭାବେ ମନୋନୀତ ହୋଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସଂସଦରେ ଆଗତ ହୋଇଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଆଜି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ଜେପିସି ଗଠନ ହୋଇଛି। ସମ୍ବିଧାନ (ଶହେ ତିରିଶ ତମ ସଂଶୋଧନ) ଅଧିନିୟମ, ୨୦୨୫; ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ଅଧିନିୟମ, ୨୦୨୫; ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶାସନ (ସଂଶୋଧନ) ଅଧିନିୟମ, ୨୦୨୫ ସମ୍ପର୍କରେ ଏବେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଗଠିତ ଜେପିସି ଅନୁଧ୍ୟାନ କରିବ। ପୂର୍ବତନ ଆଇଏଏସ ଅଧିକାରୀ, ବିଜେପିର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ଜେପିସିର ଚେୟାରମ୍ୟାନ ଭାବେ ମନୋନୀତ କରିଛନ୍ତି। ଜେପିସିର ଚେୟାରମ୍ୟାନ ଭାବେ ମନୋନୀତ ହେବା ପରେ ସୋସିଆଲ୍ ମିଡିଆରେ ଶୁଭେଚ୍ଛା ଜଣାଇଛନ୍ତି ଭୁବନେଶ୍ୱର ସାଂସଦ ମାଡାମ୍ ଅପରାଜିତା ଷଡ଼ଙ୍ଗୀ। ୩୧ ସଦସ୍ୟ ବିଶିଷ୍ଟ ଜେପିସିରେ ଲୋକସଭାରୁ ୨୧ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି। ନବଗଠିତ ଜେପିସିରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଚେୟାରମ୍ୟାନ ଭାବରେ ଏହାର ଅଧ୍ୟକ୍ଷତା କରିବେ।



# ନିର୍ବାଚନ କମିଶନଙ୍କୁ ପ୍ରଶ୍ନ

ନିର୍ବାଚିତ ପ୍ରତିନିଧିମାନେ ଦେଶର ଆଇନ ପ୍ରଣୟନ କରିବା ସହ ସାମ୍ବିଧାନିକ ବିଧି ବ୍ୟବସ୍ଥା ଆଧାରରେ ଶାସନ କରନ୍ତି। ନିର୍ବାଚନ ପ୍ରକ୍ରିୟାରେ ଗତ ୭୦ ବର୍ଷ ଭିତରେ ଅନେକ ସଂସ୍କାର ଆସିଛି। ଭୋଟ ବାକ୍ସ ବଦଳରେ ଭୋଟିଂ ମେସିନ ବ୍ୟବହାର ହେଉଛି। ନିର୍ବାଚନ ପ୍ରଚାର ମଧ୍ୟ ବ୍ୟାପକ ହେଲାଣି। କରୋନା କଟକଣା ବେଳେ ଦେଶରେ ଡିଜିଟାଲ ପ୍ରଚାର ବ୍ୟବସ୍ଥା ହୋଇଥିଲା। ସେହିପରି ନିର୍ବାଚନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ମଧ୍ୟ ନିର୍ବାଚନ କମିଶନଙ୍କ ଦାୟିତ୍ୱ। ଉଭୟ ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀର ସହଯୋଗରେ ନିର୍ବାଚନ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରୟାସ କରନ୍ତି। ୧୯୯୫ରେ ଟି ଏନ ଶେଷାନ ଭାରତର ନିର୍ବାଚନ କମିଶନର ଥିବା ବେଳେ ଭୋଟର ପରିଚୟପତ୍ର ବ୍ୟବସ୍ଥା ଆରମ୍ଭ ହେଲା। ଏବେ ଭୋଟର ପରିଚୟପତ୍ର ସହିତ ଆଧାର ବା ଅନ୍ୟ କେତେକ ପରିଚୟପତ୍ର ଦେଖାଇ ଭୋଟ ଦେବାକୁ ପଡୁଛି। ଫଳରେ ନିର୍ବାଚନରେ ଜାଲ ଭୋଟ ଅନେକାଂଶରେ କମିଛି। ଇଭିଏମ ବ୍ୟବହାର ଦ୍ୱାରା ଭୋଟ କୌଣସି ନାକଚ ହେଉନି। ଏହା ବ୍ୟତିତ ଇଭିଏମରେ ନୋଟା ବ୍ୟବସ୍ଥା ମଧ୍ୟ କରାଯାଇଛି। ଯଦି କୌଣସି ପ୍ରାର୍ଥୀ ପସନ୍ଦର ହୋଇନଥିବେ ତେବେ ଜଣେ ନୋଟାରେ ଭୋଟ ଦେଇପାରିବେ। ଏହା ଦ୍ୱାରା ଭୋଟଦାନ ହାର ବଢୁଛି। ଏଭଳି ଭାବେ ନିର୍ବାଚନ ବ୍ୟବସ୍ଥାରେ ଅନେକ ସଂସ୍କାରମୂଳକ ବ୍ୟବସ୍ଥା ହୋଇଛି। କିନ୍ତୁ ଏହା ଭିତରେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନେକ ସମୟରେ ବିରୋଧୀ ଦଳ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରୁଛନ୍ତି। ଶାସକ ଦଳକୁ ସୁହାଇଲା ଭଳି ସେ ନିଷ୍ପତ୍ତି ନେଉଥିବା କୁହାଯାଉଛି। ଲବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଭୋଟ ଚୋରୀ ଏବଂ ଇଭିଏମରେ ଗଡ଼ବଡ଼ ଅଭିଯୋଗ କରି ସିଧାସଳଖ ନିର୍ବାଚନ କମିଶନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଛନ୍ତି। ପ୍ରତି ନିର୍ବାଚନ ବେଳେ ଇଭିଏମରେ ଗଡ଼ବଡ଼ କରାଯାଇଥିବା ଅଭିଯୋଗ ଉଠୁଛି। ନିର୍ବାଚନ କମିଶନ ଏହାକୁ ବାରମ୍ବାର ଅସ୍ୱୀକାର କରି ଆସୁଛନ୍ତି ଏବଂ ଏହାକୁ ପ୍ରମାଣିତ କରିବା ଲାଗି ଆହ୍ୱାନ କରୁଛନ୍ତି। କିନ୍ତୁ କେହି ଆଜି ପର୍ଯ୍ୟନ୍ତ ଏଥିରେ ସଫଳ ହୋଇପାରିନାହାଁନ୍ତି। କିନ୍ତୁ ପରାଜିତ ଦଳ ସବୁ ବେଳେ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରୁଛନ୍ତି। ଅତୀତରେ ଭାରତରେ ଜଣେ ନିର୍ବାଚନ କମିଶନର ରହୁଥିଲେ। ଏବେ ତିନିଜଣିଆ ନିର୍ବାଚନ କମିଶନ ନିଯୁକ୍ତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଦିଆଯାଉଛି। ତେବେ ନିର୍ବାଚନ ପରିଚାଳନା ସମ୍ପର୍କିତ ସମସ୍ତ ନିଷ୍ପତ୍ତି ତିନିଜଣିଆ କମିଶନ ସହମତି ବା ସର୍ବସମ୍ମତି କ୍ରମେ ନେଇଆସୁଛନ୍ତି। କେନ୍ଦ୍ର ସରକାରଙ୍କ ସୁପାରିସରେ ଭାରତର ରାଷ୍ଟ୍ରପତି ନିର୍ବାଚନ କମିଶନଙ୍କୁ ନିଯୁକ୍ତି ପ୍ରଦାନ କରୁଛନ୍ତି। ପ୍ରଶାସନିକ କ୍ଷେତ୍ରରେ ଦକ୍ଷତା ଏବଂ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିଙ୍କୁ ଏଥିଲାଗି ଚୟନ କରାଯାଉଛି। ବିଭିନ୍ନ ରାଜ୍ୟରେ ରାଜ୍ୟପାଳ ଯେପରି କେନ୍ଦ୍ର ସରକାରଙ୍କ ଇଚ୍ଛାରେ ନିଯୁକ୍ତ ହେଉଛନ୍ତି ଏବେ ନିର୍ବାଚନ କମିଶନ ଠିକ ସେହି ଆଧାରରେ ନିଯୁକ୍ତି ପାଉଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନରେ ନିର୍ବାଚନ କମିଶନ ନିଯୁକ୍ତି ପ୍ରକ୍ରିୟା ନେଇ କୌଣସି ସ୍ପଷ୍ଟ ଉଲ୍ଲେଖ ନାହିଁ। ଯେ ପର୍ଯ୍ୟନ୍ତ ଏଥିଲାଗି ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରଣୀତ ହୋଇନାହିଁ, ସେ ପର୍ଯ୍ୟନ୍ତ ଭାରତର ନିର୍ବାଚନ କମିଶନଙ୍କ ନିଯୁକ୍ତି ଲାଗି ଏକ ତିନିଜଣିଆ କମିଟି ଗଠନ ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳ ନେତା ଏବଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ନେଇ ଏକ କମିଟି ସର୍ବସମ୍ମତିକ୍ରମେ ଏଥିଲାଗି ନିଷ୍ପତ୍ତି ନେବେ ଏବଂ ରାଷ୍ଟ୍ରପତିଙ୍କୁ ସୁପାରିସ କରିବେ।

# ସତ୍ୟନାମର ମାହାତ୍ମ୍ୟ

> “ ;ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ।

॥ ଉମେଶ ଚନ୍ଦ୍ର ପାତ୍ର ॥

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବି ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି – ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ। ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ୍ୟ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁ ର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର। ସେଥିପାଇଁ ସାଧକ ଗାଇଛନ୍ତି – 'ନାମେ ଶୁଷ୍କତରୁ ମୁଞ୍ଜରିଲା।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ୍ୟ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ୍ୟ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ୍ୟ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ୍ୟ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ୍ୟ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଳିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିତରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୁଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା – ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି। ଉପରୋକ୍ତ ଉପାୟରେ ସତ୍ୟନାମର ଶକ୍ତିରେ ମୃତ ବ୍ୟକ୍ତିର ଜୀବନ ଲାଭ ହୋଇପାରେ। ଯଦି ମୃତ୍ୟୁର ସମ ସମୟରେ ବା ଠିକ ଅବ୍ୟବହିତ ପରେ ସତ୍ୟନାମର ଶକ୍ତି ପ୍ରୟୋଗ କରାଯାଏ, ତା'ହେଲେ ତାହାର ସେହି ଅନ୍ତରତମ ମର୍ମସ୍ଥାନ ମସ୍ତିଷ୍କରେ ଚୈତନ୍ୟ ଶକ୍ତି ଉତ୍ତେଜିତ ହୋଇ ବୈଦ୍ୟୁତିକ ଶକ୍ତି ସ୍ରୋତ ଓ କୃତ୍ରିମ ଶ୍ୱାସ ପ୍ରକ୍ରିୟା ଦ୍ୱାରା ଯେପରି ହୁଏ ସେହିପରି ଭାବରେ ସମସ୍ତ ଯନ୍ତ୍ର ଏକ ସଙ୍ଗରେ କାର୍ଯ୍ୟ କରିବା ଦ୍ୱାରା ଜୀବନଲାଭ ଘଟିଥାଏ – ଅବଶ୍ୟ ଯଦି ଅଭ୍ୟନ୍ତରସ୍ଥ କୌଣସି ଯନ୍ତ୍ର ଧ୍ୱଂସପ୍ରାପ୍ତ ନ ହୋଇଥାଏ। ଏକଥା ବିଜ୍ଞାନଶାସ୍ତ୍ର ସମ୍ମତ ଓ ପ୍ରତ୍ୟକ୍ଷ ପରୀକ୍ଷିତ।

ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ। ସତଭାବ ନେଇ ତାଙ୍କ ନିକଟସ୍ଥ ହେଲେ ସଦଭାବର ଉଦବୋଧନ ହୁଏ, ବୃଦ୍ଧି ହେବାକୁ ଲାଗେ। ପୁଣି ତାଙ୍କ ମଧ୍ୟରେ ନାମର ଶକ୍ତିର କମ୍ପନ ବର୍ତ୍ତମାନ ଥିବାରୁ ତାଙ୍କର ଦର୍ଶନ ସ୍ପର୍ଶନରେ ଅଥବା ତାଙ୍କର ଅଙ୍ଗ ସଂଲଗ୍ନ ଶକ୍ତି ସଞ୍ଚାରିତ ବସ୍ତୁ ଦ୍ୱାରା ନାନାବିଧ ଅଦ୍ଭୁତ ଘଟଣା ସଙ୍ଘଟିତ ହୋଇଥାଏ।

ବିଶ୍ୱାସରେ ରୋଗ ଆରୋଗ୍ୟ ହୁଏ ବୋଲି ଶୁଣାଯାଏ, ସେ କଥା ସତ୍ୟ। କିନ୍ତୁ ସେହି ବିଶ୍ୱାସ ସହିତ ଯଦି ସତ୍ୟନାମ ଜପ କରାଯାଏ, ତା'ହେଲେ ବହୁ ଅସାଧ୍ୟ ବ୍ୟାଧି ଆରୋଗ୍ୟ ହୋଇ ମୁମୂର୍ଷୁ ଓ ମୃତ ବ୍ୟକ୍ତିର ଜୀବନଲାଭ ହୁଏ। ନାମ ପ୍ରୟୋଗର ଆହୁରି କେତେ ଗୁଡ଼ିଏ ପ୍ରକ୍ରିୟା ଅଛି ତାହା ସଦଗୁରୁ ଉପଦେଶଗମ୍ୟ। ସେହି ପ୍ରଣାଳୀ ଅବଗତ ନ ହେଲେ ପ୍ରକୃତ ଭାବରେ କାର୍ଯ୍ୟରେ ସଫଳତା ଆସେନାହିଁ। ଆୟୁର୍ବେଦ ଶାସ୍ତ୍ରୋକ୍ତ ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ହୋଇଥାଏ। ପୁଣି ଏଲୋପ୍ୟାଥିକ ଚିକିତ୍ସା ପ୍ରଣାଳୀରେ ମଧ୍ୟ ରୋଗାରୋଗ୍ୟ ହୁଏ। ମାନସିକ ଶକ୍ତି ବା ହିପନଟିଜମ ଦ୍ୱାରା ରୋଗାରୋଗ୍ୟ ହୋଇଥାଏ। ସୂକ୍ଷ୍ମତତ୍ତ୍ୱ ହୋମିଓପ୍ୟାଥିର ଉଚ୍ଚଶକ୍ତିର ଏକ ମାତ୍ରାରେ ମଧ୍ୟ ରୋଗାରୋଗ୍ୟ ହୁଏ। ପୁଣି ଶତସହସ୍ର ଔଷଧ ଦ୍ୱାରା ଚିକିତ୍ସା ନକରି ମଧ୍ୟ ମାତ୍ର ବାରଗୋଟି ବାଇଓକେମିକ ବା ଟିସୁରେମିଡ଼ି ଦ୍ୱାରା ରୋଗାରୋଗ୍ୟ ହେଉଛି। ସେହିଭଳି ବର୍ତ୍ତମାନ ନବଯୁଗରେ ପ୍ରଣାଳୀକ୍ରମରେ ଏକ ସତ୍ୟନାମ ଦ୍ୱାରା ସହଜରେ ସତ୍ୱର ରୋଗାରୋଗ୍ୟ ହେଉଅଛି ଏବଂ ହେବ, ଅକାଳ ମୃତ୍ୟୁର ହାତରୁ ରକ୍ଷା ମିଳିପାରିବ। ତାହାର ସୂତ୍ରପାତ ହେଉଅଛି। ତାହା ସୁଦୂର ଭବିଷ୍ୟତରେ ନୁହେଁ। ଏ ନୁହେଁ କାହାଣୀ ଏ ନୁହେଁ ସ୍ୱପ୍ନ। ସେଦିନ ଆଗତପ୍ରାୟ। ପୂର୍ବୋକ୍ତ ସେହିସବୁ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗ ଆରୋଗ୍ୟ ଅପେକ୍ଷା ସତ୍ୟନାମରେ ରୋଗ ଆରୋଗ୍ୟର ଶକ୍ତି ଅତ୍ୟନ୍ତ ଅଧିକ। ପ୍ରତ୍ୟକ୍ଷ ସତ୍ୟ କଥା। ଯେ କେହି ପରୀକ୍ଷା କରିଦେଖିପାରନ୍ତି। କଳକୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ସତ୍ୟନାମର ପ୍ରବର୍ତ୍ତକ ଓ ନାମ ହସ୍ପିଟାଲର ପ୍ରତିଷ୍ଠାତା। ନାମ କମ୍ପନ ମାଧ୍ୟମରେ ରୋଗୀ ଚିକିତ୍ସା (ଭାଇବ୍ରେସିଟର) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଏକ ଅଭିନବ ପରିକଳ୍ପନା।

ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିଯୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି – ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧାନ କେବଳ ଇକୋ – ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ୍ୟ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

# ନାନା ମୁନୀ ନାନା ମତ

॥ ଅନୀତା ପଟ୍ଟନାୟକ ॥

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ – 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ର ଗଳ୍ପ ଖୁବ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ଦେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀ ଗୃହରେ 'ଆମେ କେଉଁଠାରୁ ଆସିଛୁ ? କେଉଁଠାକୁ ଯିବୁ ? ଓ ଆମର ଜୀବନର ଉଦ୍ଦେଶ୍ୟ କଣ ?' ବିଷୟଟିକୁ ଉତ୍ଥାପନ କଲେ। ଆମ ଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା। ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠକ ପାଠିକା ମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ସଠିକ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା – ସେ କେଉଁଠାରୁ ଆସିଛି ? କେଉଁ ଠାକୁ ଯିବ ଓ ତାର ଜୀବନର ଉଦ୍ଦେଶ୍ୟ କ'ଣ ? ଧୃତରାଷ୍ଟ୍ର ଉତ୍ତର ଦେଲା – 'ମୁଁ ମାମୁଁ ଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଏକ ଛାତ୍ର ଅର୍ଜୁନକୁ ଶ୍ରେଣୀର – ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା – 'ମୁଁ ବାପାମାଆଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତାଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା। 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମର ଶ୍ରେଣୀର ଅନ୍ୟ ଏକ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଏକ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଏକ ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଏକ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କଣ ? ତାଙ୍କର କୌଣସି ଉତ୍ତର ନଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର' । ଏଥର ପଲ୍ଲବୀକୁ ମତେ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।' ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ସଠିକ ଉତ୍ତର ପାଇପାରିନାହିଁ। କେଉଁଟି ସଠିକ ଉତ୍ତର ଜଣାଇଲେ ମୁଁ ଚରିତାର୍ଥ ହେବି।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସିଦ୍ଧାନ୍ତ ସାହିତ୍ୟ ପତ୍ରିକା ପକ୍ଷରୁ ସାରସ୍ୱତ ସମାବେଶ ଓ ପୁସ୍ତକ ଲୋକାର୍ପଣ ଉତ୍ସବ



ପାରଳାଖେମୁଣ୍ଡି, (ମହାଭାରତ) : ବିଶ୍ୱନାଥ କଲ୍ୟାଣ ମଣ୍ଡପ ଠାରେ ସିଦ୍ଧାନ୍ତ ସାହିତ୍ୟ ପତ୍ରିକା ପକ୍ଷରୁ ଏକ ସାରସ୍ୱତ ସମାବେଶ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଉପାନ୍ତ ପ୍ରହରୀ ଶ୍ରୀ ପୂର୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର (ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ), ପ୍ରଫେସର ଡଃ ବିଜୟାନନ୍ଦ ସିଂ, ( ସଭାପତି, କଳା ବିକାଶ କେନ୍ଦ୍ର,କଟକ) ପ୍ରଫେସର ଡଃ ରଞ୍ଜିତ କୁମାର ପରିଡା ଓ ଅନୁଷ୍ଠାନର ସଭାପତି ଶ୍ରୀମତି ଅନ୍ନପୂର୍ଣା ଦେବୀ ପ୍ରମୁଖ ମଞ୍ଚା ସିନ ଥିଲେ।ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଏହି ସାରସ୍ୱତ ସମାବେଶରେ ଉପାନ୍ତ ପ୍ରହରୀ ପୂର୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ରଚିତ ରଚିତ ' ପାରଳାର ପାରିଲା ପିଲା' ଓ ଖୋର୍ଦ୍ଧା ଜିଲ୍ଲାର ରାଜମିସ୍ତ୍ରୀ ଶଙ୍କର ସାହୁଙ୍କ ଦ୍ୱାରା ରଚିତ 'ଅନ୍ୟ ଏକ ପାଇକ ବିଦ୍ରୋହ ' ପୁସ୍ତକ ଦ୍ୱୟ ଲୋକାର୍ପିତ ହୋଇଥିଲା । ଏହି ପୁସ୍ତକ ଦ୍ୱୟକୁ ବିନୋଦିନୀ ବିଜ୍ଞାନ କଲେଜର ଅଧକ୍ଷ ମନୋଜ ପଟ୍ଟନାୟକ ସମୀକ୍ଷା କରିବା ସହ ପାରଳାଖେମୁଣ୍ଡିର ଶ୍ରେଷ୍ଠ ବ୍ୟକ୍ତିତ୍ୱ ମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଏହା ଏକ ପ୍ରୟାସ ବୋଲି ଉପସ୍ଥାପନ କରିଥିଲେ।ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡଃ କଲ୍ୟାଣୀ ମିଶ୍ର, ଶିକ୍ଷାବିତ ଆଶାଲତା ପାଣିଗ୍ରାହୀ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ସୁଶ୍ରୀ ଅଞ୍ଜନା ପଟ୍ଟନାୟକ, ସୁଶ୍ରୀ ଶ୍ୱେତା ପଟ୍ଟନାୟକ, ବିଷ୍ଣୁ ଚରଣ ପଣ୍ଡା, ରାଜେଶ୍ୱରୀ ସ୍ୱାଇଁ,ମୂରଲୀଧର ପରିଚ୍ଛା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରାରମ୍ଭିକ ସଙ୍ଗୀତ ବି.କୋମଳାଙ୍ଗୀ ପରିବେଷଣ କରିଥିବା ବେଳେ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଆଶା ଲତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେଲ୍ଲାର ସ୍ଥିତ ଉନ୍ନତି ବିଦ୍ୟାଳୟ ଆଶ୍ରମରେ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀ ଉତ୍ସବ ପାଳିତ




ଲକ୍ଷ୍ମୀପୂର, (ମହାଭାରତ): କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କେଲ୍ଲାର ସ୍ଥିତ ଉନ୍ନତି ବିଦ୍ୟାଳୟ ଆଶ୍ରମରେ ଆଜି ଜନଜାତୀ ଗୌରବ ଦିବସ ସହିତ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଓ ଅଭିଭାବକ ସମ୍ମିଳନୀ ଯୋରଦାର ଭାବରେ ପାଳନ କରାଗଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁସୁମଗୁଡାର ନାଏବ ସରପଞ୍ଚ ଶ୍ରୀମତି ବସନ୍ତ ଚେଟି ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥିମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା ସଭାପତି ଶ୍ରୀ ହାରଣ ଖୋସ୍ଲା, ଗ୍ରାମର ବୟଜ୍ୟୋଷ୍ଟ ଶ୍ରୀ ମୁକ୍ତିପାତ୍ର ଖୋସ୍ଲା, ବରିଷ୍ଠ 'ପ୍ରମେୟ' ସାମ୍ବାଦିକ ଶ୍ରୀ ପ୍ରଫୁଲ୍ଲ ଖୋସ୍ଲା, 'ମହାଭାରତ' ସାମ୍ବାଦିକ ଶ୍ରୀ ପ୍ରଶାନ୍ତ ଖୋସ୍ଲା, ସ୍କୁଲ ପରିଚାଳନା କମିଟି ଉପସଭାପତି ଶ୍ରୀ ପ୍ରମଦ ଖରା, ଗ୍ରାମର ଭଦ୍ରବ୍ୟକ୍ତି ଶ୍ରୀ ସରଜ କାଡ୍ରିୟା ଓ ଶ୍ରୀମତୀ ମଞ୍ଜୁ ଖୋସ୍ଲା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟତ୍ରୀମାନେ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀମାନେ ନାଚ, ସଙ୍ଗୀତ ଓ ନାଟକ ପ୍ରଦର୍ଶନ କରି ଅତିଥିମାନଙ୍କୁ ମନୋରଞ୍ଜନ କଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ସେବକ ଶ୍ରୀ ସୁରେନ୍ଦ୍ର ତାଡିଙ୍ଗି ସଫଳ ଭାବେ ପରିଚାଳନା କରିଥିଲେ। ତାଙ୍କ ସହ ଶିକ୍ଷକ ଶ୍ରୀ କୃତୀଦୀପ୍ତ ସାହୁ, ଶ୍ରୀ ବିଶ୍ୱଜିତ ମହାପାତ୍ର, ଶିକ୍ଷୟତ୍ରୀ ଶ୍ରୀମତୀ ଝରଣା ମଲିକ ଓ ଶ୍ରୀମତୀ ସୁନେମିୟା ଆଡ଼ସାଡା ସହଯୋଗ କରିଥିଲେ।

## ଜଟଣୀରେ ଆରମ୍ଭ ହେବ ପଥ ଉତ୍ସବ




ଜଟଣୀ, (ମହାଭାରତ) : ଜଟଣୀରେ ଆରମ୍ଭ ହେବାକୁ ଯାଉଛି ପଥ ମହୋତ୍ସବ ଓ ଏହାକୁ ଜୋରଦାର୍ ରେ ପ୍ରସ୍ତୁତ କରିବା ପାଇଁ ଲାଗି ପଡିଛନ୍ତି ସମସ୍ତେ । କିଭଳି ଭାବେ ଶାନ୍ତି ଶୃଙ୍ଖଳା ସହିତ ସୁରୁଖୁରୁରେ ସମାପ୍ତ ହେବ ପଥ ଉତ୍ସବ ସେଥିପାଇଁ ଆଜି ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଥ ଉତ୍ସବ ସବୁ ମାସର ତୃତୀୟ ରବିବାର ଦିନ ସକାଳ ୦୬ ଟାରୁ ଦିନ ୧୦ ଘଣ୍ଟିକା ପର୍ଯ୍ୟନ୍ତ ହରି ଭାଇନା ଛକରୁ ମହୁଲଗୁଡ଼ିଆ ଛକ ପର୍ଯ୍ୟନ୍ତ ଦୁଇଟି ରାସ୍ତା ରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଜଟଣୀ ଅଞ୍ଚଳର ଆବାଳବୃଦ୍ଧବନିତା ଭାଗ ନେଇ ପାରିବେ ।ଏହି ସମ୍ମିଳନୀରେ ଜଟଣୀ ତହସିଲଦାର, ବିଡିଓ, ଥାନା ଅଧିକାରୀ, ଅଗ୍ନିଶ୍ରମ ଅଧିକାରୀ, ମେଡିକାଲ୍ ଅଧିକାରୀ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡଜେନା, ସଂସାଦ ପ୍ରତିନିଧି ସତୀଶ ଶର୍ମା, ବିକାଶ ପରିଷଦ ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପରେ ସମସ୍ତ ଅଧିକାରୀ ମାନେ କୋଉଁ ଜାଗାରେ ପଥ ଉତ୍ସବ ହେବ ସେ ଜାଗାକୁ ବୁଲି ଦେଖିଥିଲେ ।

## ଜୁନାଗଡ଼ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଜୁନାଗଡ଼ (ମହାଭାରତ)କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସଂସ୍କୃତି ଭବନ ଠାରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ,ଆୟୋଜିତ ହୋଇଯାଇଛି ।ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ କରଙ୍କ ସଭାପତିତ୍ୱରଏହି ଅବସରରେ ବିଧାୟକ ପ୍ରତିନିଧି ପ୍ରଶାନ୍ତ ପଟ୍ଟଯୋଶୀ,ବ୍ଲକ ଅଧକ୍ଷ୍ୟା ସବିତା ମେହେର, ଏନଏସି ଅଧକ୍ଷ୍ୟା ହିମାଦ୍ରୀ ନାଏକ,ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଲାଲ ବାହାଦୂର ଯାନୀ,ଆବାହକ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରୀତି ମଞ୍ଜରୀ ନାଏକ,ଏସଡିଭିଓ ମଧୁସୂଦନ ଦାସ, ମତ୍ସ୍ୟ ଅଧିକାରୀ ଲଳିତ ମୋହନ ମହାନନ୍ଦ ପ୍ରମୁଖ ମଞ୍ଚ ।ସିନ ଥିଲେ।ଏହି ମେଳାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ଓମଫେଡ, ପ୍ରାଣୀସମ୍ପଦ, ମିଶନ ଶକ୍ତି, ଉଦ୍ୟାନ ବିଭାଗ ପ୍ରମୁଖ ନିଜ ନିଜର ଷ୍ଟଲ ପ୍ରଦର୍ଶନ କରିଥିଲେ।ଏହି ମେଳାରେ ବ୍ଲକର ସମସ୍ତ ପଞ୍ଚାୟତରୁ ଅନେକ ଲୋକ ଉପସ୍ଥିତ ଥିଲେ।ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ଓ ରାଜ୍ୟରେ ଚାଷୀଙ୍କ ସମୃଦ୍ଧି ବିଷୟରେ ବ୍ୟାପକ ଆଲୋଚନା କରାଯାଇଥିଲା।




## କୁହ୍ଲି ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପୁରଣ କରିଛନ୍ତି ମୋହନ ସରକାର



ଚାନ୍ଦବାଲି, (ମହାଭାରତ) : ଭଦ୍ରକ ଜିଲ୍ଲା ଚାନ୍ଦବାଲି କୁହ୍ଲି ଗ୍ରାମରେ ସରକାରଙ୍କ ତରଫରୁ ନଦୀବନ୍ଧ ଯୋଜନାରେ ବୈତରଣୀ ନଦୀ କୂଳରେ ରେ ଚାଲିଛି ପଥର ପ୍ୟାକିଂ କାର୍ଯ୍ୟ । ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ କୁହ୍ଲି ଗାଁକୁ ସୁରକ୍ଷିତ ରଖିବା ଲାଗି ଜଳସମ୍ପଦ ବିଭାଗ ଜରିଆରେ ନଦୀ କୂଳରେ ବଡ଼ ବଡ଼ ପଥର ଡମ୍ପିଂ ଓ ପ୍ୟାକିଂ କାମ ପାଇଁ ସରକାର ଦୁଇଟି ଭିନ୍ନ ପ୍ରକଳ୍ପରେ ପ୍ରାୟ ୧ କୋଟି ୫୮ ଲକ୍ଷ ଟଙ୍କା ଯୋଗାଇଛନ୍ତି । ସେଥି ମଧ୍ୟରୁ ଗୋଟିଏ ପ୍ରକଳ୍ପ ୮୩ ଲକ୍ଷ ୭ ହଜାର ଟଙ୍କା, ଅନ୍ୟଟି ୭୫ ଲକ୍ଷ ୫୦ ଟଙ୍କାର କାମ। କେନ୍ଦ୍ରାପଡା ଅଞ୍ଚଳର ଜଣେ ଠିକାଦାର ଏହି କାମ କରୁଥିବା ଜଣାଯାଇଛି। ନିର୍ମାଣାଧୀନ ଆଡ଼ିବନ୍ଧ ତିନି ଥର ନଦୀକୁ ଧସିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା କଥା ବାରମ୍ବାର ଦାବୀ ପରେ ସରକାର ତାଙ୍କ ଦାବି ଶୁଣି ପଥର ପ୍ୟାକିଙ୍ଗ କାମ କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ଗ୍ରାମବାସୀ ।

## ଦୁଇ ଶିକ୍ଷକଙ୍କ ପାଇଁ ଅନ୍ଧାରରେ ମେଳାମ୍ବ ସ୍କୁଲ୍‌ର ଭବିଷ୍ୟତ

ନୟାଗଡ଼, (ମହାଭାରତ) : ଶେଷରେ ଯାହା ଅନୁମାନ କରାଯାଉଥିଲା, ସେଇଆ ହିଁ ହେଲା। ତିନି ବର୍ଷ ହେଲା ବିନା କାର୍ଯ୍ୟରେ ଦରମା ନେଇଥିବା ନୟାଗଡ଼ ବ୍ଲକ୍ ମେଳାମ୍ବ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହିମାଂଶୁ ଶେଖର ସାହୁଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ନିଲମ୍ବିତ କରିଛି। ମାତ୍ର ପ୍ରତି ମାସରେ ସ୍କୁଲରେ ହିମାଂଶୁ ଉପସ୍ଥିତ ରହୁଥିବା ସଂକ୍ରାନ୍ତରେ ରିପୋର୍ଟ ପ୍ରଦାନ କରିଥିବା ପ୍ରଧାନ ଶିକ୍ଷକ ବାବୁଲି ସେଠୀ କିନ୍ତୁ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତି ଯାଇଛନ୍ତି। ଯେହେତୁ ସ୍କୁଲରେ ବର୍ତ୍ତମାନ ଏହି ଦୁଇ ଜଣ ଶିକ୍ଷକ ରହିଛନ୍ତି ଏଣୁ ଦୁଇ ଜଣଙ୍କୁ ନିଲମ୍ବନ କରାଗଲେ, ସ୍କୁଲ ବନ୍ଦ ହୋଇଯିବ ସେଥିପାଇଁ ବୋଧହୁଏ ଶିକ୍ଷା ବିଭାଗ କେବଳ ଶିକ୍ଷକ ହିମାଂଶୁ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଅନୁମାନ କରାଯାଉଛି। ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଏହି ଦୁଇ ଜଣ ଶିକ୍ଷକଙ୍କ ପାଇଁ ଆଜି ସମ୍ପୂର୍ଣ୍ଣ ସ୍କୁଲର ଭାଗ୍ୟ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ମେଳାମ୍ବ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ଯାଏଁ ରହିଥିବା ବେଳେ ଏଠାରେ ୪୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ସ୍କୁଲରେ ପୂର୍ବରୁ ହିମାଂଶୁଙ୍କୁ ମିଶାଇ ମୋଟ୍ ତିନି ଜଣ ଶିକ୍ଷକ ପାଠ ପଢ଼ାଉଥିଲେ। ମାତ୍ର ୨୦୨୨ ଜୁଲାଇ ୧୩ ତାରିଖରେ ହିମାଂଶୁଙ୍କୁ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଯୋଗ ଦେବା ପାଇଁ କୁହାଗଲା। ଇତିମଧ୍ୟରେ ଆଉ ଜଣେ ଶିକ୍ଷକ ଅବସର ନେଇଯାଇଛନ୍ତି। ଏପଟେ ହିମାଂଶୁ ଉଭୟ ସ୍ଥାନରେ କାର୍ଯ୍ୟରେ ଯୋଗ ଦେଉନଥିବା ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ମୌଖିକ କିମ୍ବା ଲିଖିତ କିଛି ବି ଅଭିଯୋଗ କରି ନାହାନ୍ତି। ଓଲଟା ପ୍ରତି ମାସରେ ସେ ହିମାଂଶୁଙ୍କ ସପକ୍ଷରେ ସ୍କୁଲରେ ଉପସ୍ଥିତ ରହୁଥିବା ନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେଉଥିଲେ। ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ମାସକୁ ମାସ ସରକାରୀ ନିୟମ ଅନୁଯାୟୀ ଦରମା ଦିଆଯାଉଥିଲା। ଏହି କେଳେଙ୍କାରୀରେ ପ୍ରଧାନଶିକ୍ଷକ ବାବୁଲି ସେଠୀ ଙ୍କ ସମ୍ପୃକ୍ତିକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମାତ୍ର ବର୍ତ୍ତମାନ ଯଦି ତାଙ୍କୁ ନିଲମ୍ବନ କରାଯାଏ, ତବେ ସ୍କୁଲରେ କେହି ଆଉ ରହିବେ ନାହିଁ। ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନ କାମ ସବୁକିଛି ବନ୍ଦ ହୋଇଯିବ ଏଣୁ ଅନ୍ୟ କାହାକୁ ସେଠାରେ ଦାୟିତ୍ୱରେ ରଖିବା ପରେ ଜିଲ୍ଲା ଶିକ୍ଷା ବିଭାଗ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଜିଲ୍ଲାରେ କେବଳ ଏହି ଜଣେ ଶିକ୍ଷକ ନୁହନ୍ତି ପ୍ରତି ବ୍ଲକରେ ଏମିତି ଅନେକ ଅଛନ୍ତି। ଯେଉଁ ମାନଙ୍କ ନାଁ କେବଳ କାଗଜପତ୍ରରେ ଗଡୁଛି ଓ ସେମାନେ ବିନା ଡ୍ୟୁଟିରେ ପ୍ରତ୍ୟେକ ମାସରେ ଦରମା ନେଇ ଚାଲିଛନ୍ତି। ଏଣୁ ଜିଲ୍ଲା ଶିକ୍ଷା ବିଭାଗ ଏ ଦିଗରେ ପଦକ୍ଷେପ ନେବା ନିହାତି ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ କୁହନ୍ତି ଯେ, ସହକାରୀ ଶିକ୍ଷକ ହିମାଂଶୁ ଶେଖର ସାହୁ ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ କରିଥିବା ନେଇ ପ୍ରମାଣ ମିଳିଲା। ଉପସ୍ଥାନ ଖାତାରେ ତିନି ବର୍ଷ ହେଲା ତାଙ୍କର ଦସ୍ତଖତ ନାହିଁ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସମସ୍ତ କଥା ଅବଗତ କରାଯିବା ପରେ ତାଙ୍କୁ ନିଲମ୍ବନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ପ୍ରଧାନଶିକ୍ଷକଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ, ଏ ସଂକ୍ରାନ୍ତରେ ସେ କିଛି ସ୍ପଷ୍ଟ ଭାବେ କ ?ହିନଥିଲେ।

## ଗଣିଆ ଥାନା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଗଣିଆ ଥାନା ପୋଲିସ ପକ୍ଷରୁ ଗଣିଆ ସରକାରୀ ବସ ଷ୍ଟାଣ୍ଡ ପରିସରରେ ସାଇବର ସୁରକ୍ଷା ସଂର୍ପକିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଣିଆ ଭାରପ୍ରାପ୍ତ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ବ୍ୟକ୍ତା ଭାବେ ନୟାଗଡ଼ ଜିଲ୍ଲା ସାଇବର ସୁରକ୍ଷା ନୋଡାଲ ଅଧିକାରୀ ସୁକାନ୍ତ କୁମାର ପାତ୍ର , ଖଣ୍ଡପଡା ଏସଡିପିଓ ମଦନ ମୋହନ ପ୍ରଧାନ, ଗଣିଆ ଅତିରିକ୍ତ ତହସିଲଦାର ସରସ୍ୱତୀ ଜାନି, ଏବିଡିଓ ରତନ ଲାଲ୍ ଲୋହରା, ଗଣିଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ ଚନ୍ଦ୍ର ମିଶ୍ର ଓ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସଂର୍ପକରେ ଆଲୋକପାତ କରିଥିଲେ। ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏ ଅବସରରେ ଅତିଥି ମାନଙ୍କ ସ୍ୱାଗତ ପାଇଁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଥାନା ଅଧିକାରୀ ଦଣ୍ଡସେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଡ଼. ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ଏ ସଂର୍ପକରେ ସମସ୍ତେ ସଚେତନ ହୋଇ ସାଇବର ଠକେଇରୁ ଦୁରେଇ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏ ଅବସରରେ ଗଣିଆ ରେ ଅବସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ସାଇବର ସୁରକ୍ଷା ସଂର୍ପକିତ ସଚେତନତା ଶୋଭାଯାତ୍ରା ଗଣିଆ ବଜାର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗଣିଆ ସରକାରୀ ବସ ଷ୍ଟାଣ୍ଡସ୍ଥିତ ଆୟୋଜିତ ମଞ୍ଚରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପଣ୍ଡିତ ଗିରିଶ ଚନ୍ଦ୍ର ମିଶ୍ର ବେଦ ପାଠ କରିଥିଲେ। ଗଣିଆ ର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ନାଗରିକ ଓ ଯୁବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗଣିଆ ପୋଲିସ ପକ୍ଷରୁ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଇବର ସୁରକ୍ଷା ଅଭିଯାନ ସଚେତନତା ପାଇଁ ବିଭିନ୍ନ ନାଟକ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

## ସମୁଦ୍ରରେ ଭାରତୀୟ ତଟ ରକ୍ଷୀ ବାହିନୀର ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଅଭ୍ୟାସ କୌଶଳ

ପାରାଦୀପ, (ମହାଭାରତ) : ଭାରତୀୟ ତଟ ରକ୍ଷୀ ବାହିନୀ (ଓଡିଶା) ପକ୍ଷରୁ ନଭେମ୍ବର ୧୪-୧୫ ତାରିଖରେ ଏକ ଆଞ୍ଚଳିକ ସ୍ତରୀୟ ସମନ୍ୱିତ ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କର୍ମଶାଳା ଏବଂ ସମୁଦ୍ର ଅଭ୍ୟାସ କରାଯାଇଥିଲା। କର୍ମଶାଳାରେ ଟେବୁଲ ଟପ୍ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା। ଯେଉଁଠାରେ, ପାରାଦୀପରେ ସମୁଦ୍ର ଅଭ୍ୟାସ ସମୟରେ ବିଭିନ୍ନ ପରିସ୍ଥିତି ଏବଂ ଏଜେନ୍ସିଗୁଡ଼ିକର ସହଯୋଗୀ ଦାୟିତ୍ୱ ସିମୁଲେଟ୍ କରାଯାଇଥିଲା, ସାର ଲିଡ୍ ଏଜେନ୍ସି ଆଇସିଜି ଏବଂ ଉଦ୍ଧାର ଏଜେନ୍ସି ଠିକ ସମୟରେ ସାମୂହିକ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ଏବଂ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା ଯାହାଦ୍ୱାରା ଜୀବନ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ତେବେ ଏହି କାର୍ଯ୍ୟକ୍ରମରେ କିଛି ହାତଗଣତି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଏକ ଯୁଦ୍ଧ ଜାହାଜରେ ନେଇ ସମୁଦ୍ରରେ ଗୋଟିଏ ଦିନ କାର୍ଯ୍ୟକ୍ରମରେ ଏହି କୌଶଳ ଦେଖିବାକୁ ନିମନ୍ତ୍ରଣ କରାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯିବାକୁ ନେଇ ସାମ୍ବାଦିକ ମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଜଣାପଡିଛି । ତଟ ରକ୍ଷୀ ବାହିନୀ ର କାର୍ଯ୍ୟଦକ୍ଷତା ବିଷୟରେ ସାଧାରଣରେ ଅବଗତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସମୂହକୁ ଅଣଦେଖା କରିବା କିପରି ଏହାର ଉଦ୍ଦେଶ୍ୟ ସାଧିତ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## କବ୍ଜା ରେ ଗୋଚର; ନାହିଁ ଗୋଶାଳା, ଅସୁରକ୍ଷିତ ଅବସ୍ଥାରେ ନନ୍ଦୀ

ଅସ୍ତରଙ୍ଗ, (ମହାଭାରତ) : ବର୍ତ୍ତମାନ ଅସ୍ତରଙ୍ଗ କାକଟପୁର ତହସିଲ ଅଧୀନରେ ଜବରଦଖଲ ସୀମାହୀନ ଅବସ୍ଥା, ଯେଉଁଠି ଯୁଆଡ଼େ ଦେଖିବ ସରକାରୀ ଜମି ଜବରଦଖଲ, ଅନେକ ସରକାରୀ ଚାକିରୀ କରିଥିବା ବ୍ୟକ୍ତି ଏଥିରେ ସଂଶ୍ଳିଷ୍ଟ ଅଛନ୍ତି, ଧୀରେ ଧୀରେ ରାଜସ୍ୱ ଅଧୀନରୁ ଗୋଚର କିସମ ଜମି ଲୋପ ପାଇବାକୁ ବସିଲାଣି, କେଉଁଠି ଆଜବେଷ୍ଟ ଘର ତ ଆଉ କେଉଁଠି ଅଟାଳିକା ନିର୍ମାଣ, ସରକାରୀ ଗୋଚର କୁ ଜବରଦଖଲ କରିବା ସହ ସରକାରୀ ଅଧିକାରୀ ଙ୍କୁ ପକ୍ଷ ଭୁତ କରି କଚେରୀ ରେ ମାକୋଦମା ମଧ୍ୟ ଚଳେଇବା ଏବେ ପ୍ରହସନ ହୋଇଛି, ରାଜସ୍ୱ ମନ୍ତ୍ରୀ ବସୁନ୍ଧରା ଯୋଜନା, ଅନ୍ତରଦ୍ୱୟ ଯୋଜନା,ଜମିଜମା ଲିଜ୍ ଓ ଜବରଦଖଲ ମାମଲା ଉପରେ ସମୀକ୍ଷା କରିବା ସହିତ ସରକାରୀ ଜମି ଜବରଦଖଲ କୁ ଉଚ୍ଛେଦ କରିବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ପୂର୍ତ୍ତ ବିଭାଗ ର ସ୍ଥାନ ଚିହ୍ନଟ ହେଉଥିବା ସମୟ ରେ ଅନ୍ଧାରୀ ସ୍ଥାନ ଗୁଡିକରେ ଅନେକ ଗୋଚର, ଅନାବାଦୀ, ଜଙ୍ଗଲ ଏହିଭଳି ଅନେକ ମୂଲ୍ୟବାନ ସରକାରୀ ସମ୍ପଦ ଏବେ କବ୍ଜା ରେ, ଏହାକୁ କେବେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଗୋଚର କରିବ ସେଥିପାଇଁ ବିଭିନ୍ନ ବୁଦ୍ଧିଜୀବୀ ମହଲ ରେ ଦାବୀ କରାଯାଇଛି, ଗୋଟେ ପଟେ ନିଜକୁ ଅସହାୟ ବୋଲି ବିବେଚନା କରିବା ସହ ସରକାରୀ ଗୋଚର ରେ ଘର କରି ଆର୍ଲିସନ ଷ୍ଟାଇଲ ରେ ଜୀବନ ନିର୍ବାହ କରୁଛନ୍ତି ଅନେକ ସ୍ଥାନ ରେ,ଯାହାର ବାସ୍ତବିକ ପ୍ରଭାବ ପଡିଛି ନନ୍ଦୀ ମାନଙ୍କ ଉପରେ, ଅନେକ ସ୍ଥାନ ରେ ବିଭିନ୍ନ ସମୟ ରେ ନନ୍ଦୀ ମାନେ ଦଳ ଦଳ ହୋଇ ବୁଲୁଛନ୍ତି, ଯେଉଁଠି ଅନେକ ସମୟ ରେ ଏମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି, ଆଉ ଅନେକ ଯାତାୟାତ ଲୋକ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି, ଗୋଚର ଜବରଦଖଲ କାରଣ ରୁ ଅନେକ ସ୍ଥାନ ରେ ଚାଷ କ୍ଷେତ ରେ ଏମାନେ ରୁଣ୍ଡ ହେଉଛନ୍ତି, ଅନେକ ସମୟ ରେ ଚାଷୀ ମାନେ ମଧ୍ୟ ବିଭିନ୍ନ ସମସ୍ୟା ରେ ପଡୁଛନ୍ତି, ସହଜ ରେ ଏବେ ଧାନ କଟା ସମୟ ଆସୁଥିବାରୁ ଅନେକ ଚାଷୀ ଅସନ୍ତୋଷ ପ୍ରକାଶ କରୁଛନ୍ତି,ଗୋ ସୁରକ୍ଷା ଯୁବ ଅନୁଷ୍ଠାନ ର କର୍ମୀ ମାନେ ଏମାନଙ୍କ ସୁରକ୍ଷା ଦାୟିତ୍ୱ ରେ ରାତି ଦିନ ବୁଲୁଥିବାରୁ ଅନେକ ସମୟ ରେ ଏମାନଙ୍କ ଜୀବନ ସୁରକ୍ଷିତ ରହୁଛି, ଏହା ବ୍ୟତୀତ ଏମାନଙ୍କ ସୁରକ୍ଷା ରେ ଅସ୍ତରଙ୍ଗ କାକଟପୁର ପୋଲିସ ଓ ପ୍ରାଣୀ ସମ୍ପଦ ବିଭାଗ ସଦା ତତପର ରହୁଛି, କିନ୍ତୁ ରାଜସ୍ୱ ବିଭାଗ ଯେଉଁ ପର୍ଯ୍ୟନ୍ତ ସରକାରୀ ଗୋଚର କୁ ଜବରଦଖଲ ଉଚ୍ଛେଦ କରିବନି ସେ ପର୍ଯ୍ୟନ୍ତ ପରିପୂରକ ଭାବେ ଉଭୟ ଙ୍କ ସମସ୍ୟା ବୃଦ୍ଧି ପାଇବ ପଛେ କିନ୍ତୁ କମିବାର ନା ଧରିବନି,ଏ ପ୍ରସଙ୍ଗ ରେ ଅସ୍ତରଙ୍ଗ ଅଞ୍ଚଳ ରେ ଯୁବ ସମାଜସେବୀ ତଥା ଲୋକ ପ୍ରତିନିଧି ମନୋଜ ବିଶ୍ୱାଳ କହିଛନ୍ତି ଏ ସମସ୍ୟା କୁ ଦୃଷ୍ଟି ରେ ରଖି ରାଜ୍ୟ ସରକାର ଗୋଶାଳା ନିର୍ମାଣ କରିବା ସହିତ ରାଜସ୍ୱ ବିଭାଗ ଗୋଚର କିସମ କୁ ଜବରଦଖଲ ମୁକ୍ତ କରନ୍ତୁ ନଚେତ ଆଗାମୀ ଦିନରେ ଏହା ଆନ୍ଦୋଳନ ର ରୂପରେଖ ନେଇପାରେ।



## ଗୋଦାବରୀଶ ମହାବିଦ୍ୟାଳୟରେ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ବାଣପୁର :( ମହାଭାରତ ) ଗୋଦାବରୀଶ ମହାବିଦ୍ୟାଳୟରେ ଓଛଇଉ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ (ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ)ମାନଙ୍କ ମିଳିତ ପ୍ରୟାସରେ ଶନିବାର ଦିନ ଏକ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଦକ୍ଷତା ବିକାଶ ସଂସ୍ଥାନ,ଭୁବନେଶ୍ୱର ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀଯୁକ୍ତ ରାଜେଶ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା ରୂପେ ଯୋଗଦେଇ କ୍ୟାରିୟର ଟକ୍ ସୋ ଶୀର୍ଷକ ରେ ଛାତ୍ରଛାତ୍ରୀମାନଙ୍କୁ ଅନେକ ଉଦାହରଣ ଦେଇ ପ୍ରାୟ ୨ ଘଣ୍ଟା କାଳ ତାଙ୍କ ଯାଦୁକରୀ ଅଭିଭାଷଣରେ ବାନ୍ଧି ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଡା ଶୁରପ୍ରତାପ ନରେନ୍ଦ୍ର ସିଂହ ବର୍ମା ଯୋଗଦେଇ ଦକ୍ଷତାବିକାଶ ଦିଗରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଏହିପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ଆହ୍ୱାନ ଦେଇଥିଲେ। ଏହି ଦିନିକିଆ କାର୍ଯ୍ୟକ୍ରମରେ ପ୍ରାୟ ୧୬୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମ ଟି ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ବିହାରୀ ଓ ମହାବିଦ୍ୟାଳୟର ଆଇ କ୍ୟୁ ଏ ସି ଅଧିକାରୀ ଡ ରୁତୁସ୍ମିତା ମିଶ୍ର ଓ ତାଙ୍କ ଟିମ୍ ମେମ୍ବର ମାନଙ୍କ ମିଳିତ ପ୍ରୟାସ ରେ ସୁଚାରୁରୂପେ ସମ୍ପାଦିତ ହୋଇଥିଲାୟ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ବିହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ମହାବିଦ୍ୟାଳୟର ଆଇ କ୍ୟୁ ଏ ସି ଅଧିକାରୀ ଡ ରୁତୁସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

## ମହତ କର୍ମ ମଣିଷକୁ ଭଗବାନ କରିଦିଏ: ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ରାୟଗଡ, (ମହାଭାରତ): ରାୟଗଡ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ରାୟଗଡ ସ୍ଥିତ ବିଜୁପଟ୍ଟନାୟକ ଅଡିଟୋରିୟମ ଠାରେ ଭଗବାନ ବିର୍ସା ମୁଣ୍ଡା ଙ୍କ ୧୫୦ ତମ ଜୟନ୍ତୀ ବର୍ଷ ର ପୂର୍ତ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ- ୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ତଥା ଓଡିଆ ଭାଷା ଓ ସଂସ୍କୃତି ବିଭାଗୀୟ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ତାଙ୍କ ଅଭିଭାଷଣରରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନଜାତି ଉନ୍ନୟନ ସମ୍ବନ୍ଧୀୟ କାର୍ଯ୍ୟଧାରା ପ୍ରତିଫଳିତ ହୋଇଥିଲା। ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାର ଓ ରାୟଗଡ ବିଧାୟକ ଶ୍ରୀ ଆପଲାସ୍ୱାମୀ କାଡ୍ରାକା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି ସ୍ୱାଗତ ସମ୍ଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ରାୟଗଡ ଉପଜିଲ୍ଲାପାଳ ଶ୍ରୀ ରମେଶଚନ୍ଦ୍ର ଜେନା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ,ଶ୍ରୀ ଚନ୍ଦ୍ର କାନ୍ତ ମାଝୀ,ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉଉୟନ ସଂସ୍ଥା ଗୁଣପୁର ଶ୍ରୀ ଅଜୟ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାୟଗଡ ଜିଲ୍ଲାର କଳା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରତିପାଦନ କରିଥିବା ଛଅଜଣ ଯୁବ ପ୍ରତିଭାଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା। ରାୟଗଡ ର ବିଭନ୍ନ ଜନଜାତି ସଂପ୍ରଦାୟର କଳାକାରମାନେ ରଙ୍ଗାରଙ୍ଗ ଲୋକନୃତ୍ୟ ପରିବେଷଣ କରି ଅତିଥି ତଥା ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରିଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମଂଗଳ ଅଧିକାରୀ ଶ୍ରୀମତୀ ଅସୀମା ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶ୍ରୀ ଶ୍ରୀଧର ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ରାୟଗଡ ଜିଲ୍ଲା ମଙ୍ଗଳ ବିଭାଗୀୟ ଅଧିକାରୀ ମାନଙ୍କ ସମେତ ବିଭାଗୀୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ସଂପାଦନରେ ସହଯୋଗ କରିଥିଲେ।

## ବିର୍ସା ମୁଣ୍ଡା ଙ୍କ ୧୫୦ତମ ଜୟନ୍ତୀ ପାଳିତ

ପାଟଣା:-(ମହାଭାରତ) ଆଜି ହୋ ସମାଜ ମାର୍ଶାଲ ଆକାଲା ତରଫ ରୁ ଜନଜାତି ଜନ ନାୟକ ମହାନ ଦେଶ ସଂଗ୍ରାମୀ ବୀର ବିର୍ସା ମୁଣ୍ଡା ଙ୍କ ୧୫୦ତମ ଜୟନ୍ତୀ କେନ୍ଦୁଝର ଜିଲ୍ଲା ପାଟଣା ଷ୍ଟାଡିୟମ ଠାରେ ପାଳିତ ହୋଇଛି। କାର୍ଯ୍ୟକ୍ରମ ହୋ ସମାଜ ମାର୍ଶାଲ ଆକାଲା ପାଟଣା ବ୍ଲକ ସଭାପତି ସୁଦର୍ଶନ ମୁଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହେଉଛି। ମୁଖ୍ୟ ଅତିଥି ଭାବେ ବଡପାଟଣା ପଞ୍ଚାୟତ ବିନତୀ



ବାନରା ଯୋଗଦାନ କରି ବିର୍ସା ମୁଣ୍ଡା ଙ୍କ ଫୋଟ ଚିତ୍ର ଉପରେ ପୁଷ୍ପ ମାଲ୍ୟ ଧୂପ ଦୀପ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ମହିଳା ରାଜ୍ୟ ପରିଷଦ ସଦସ୍ୟ ସମ୍ବାରି ମୁଣ୍ଡା,ବିଶ୍ ଆଦିବାସୀ ମହାସଂଘ ସଭାପତି ସୁଦର୍ଶନ ଲୋହାର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ହୋ ସମାଜ ମାର୍ଶାଲ ଆକାଲା ପକ୍ଷ ରୁ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ପ୍ରଭାତ ମୁଣ୍ଡା,କୁନା ମୁଣ୍ଡା,ଶିବ ମୁଣ୍ଡା, ସୁବାସ ମୁଣ୍ଡା,ମିଥୁନ ମୁଣ୍ଡା ନିରାଶ ମୁଣ୍ଡା,ରତନି ମୁଣ୍ଡା,ସନ୍ଧ୍ୟାରାଣି ମୁଣ୍ଡା, ବିଜୁ ମୁଣ୍ଡା,ତ୍ରିନାଥ ମୁଣ୍ଡା, ମହେଶ୍ୱର ମୁଣ୍ଡା,ଚନ୍ଦ୍ରମଣି ମୁଣ୍ଡା ସଂପୂର୍ଣ୍ଣ ସହଯୋଗ କରିଛନ୍ତି।

# ଆଖିକୁ ରଙ୍ଗୀନ ପାଟି କୁ ସୁଆଦ ମାତ୍ର କିଣା ଯାଉଛି ରୋଗ



ଅସ୍ତରଙ୍ଗ(ମହାଭାରତ ): ଆସିଲା ଶୀତ ଋତୁ ଏବେ ପ୍ରତ୍ୟେକ ଙ୍କ ମୁହଁ ରେ ଗରମ ଗରମ ଚଟାପଟ ଖାଦ୍ୟ ଖାଇବା ପାଇଁ ଆଗ୍ରହ। ସହଜ ରେ ଏହି ଶୀତ ଋତୁ ଆରମ୍ଭ ରୁ ପର୍ଯ୍ୟଟକ ମାନେ ବିଭିନ୍ନ ସ୍ଥାନରୁ ଆସନ୍ତି ଅସ୍ତରଙ୍ଗ ଉପକୂଳରେ ବଣଭୋଜି, ମନୋରଞ୍ଜନ ସହିତ ଚଟାପଟ ଖାଦ୍ୟ ରେ ମଜା ନେବା ପାଇଁ। କିନ୍ତୁ ଏହି ଋତୁ ରେ ଅପମିଶ୍ରିତ ଖାଦ୍ୟ ଖାଇଲେ ସାଧାରଣ ରେ ଗ୍ୟାସ ଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ସଂକ୍ରମଣ ରୋଗ ହୋଇଥାଏ ବୋଲି ସ୍ୱାସ୍ଥ୍ୟବିଶେଷଜ୍ଞ ମାନେ ବାରମ୍ବାର ପରାମର୍ଶ କରୁଛନ୍ତି। ମାତ୍ର ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ଅନେକ ଜଳଖିଆ ଦୋକାନ କୁ ହୋଟେଲ ଗଢିଉଠିଛି ମାତ୍ର ଖାଦ୍ୟ ରେ ନିରାପତ୍ତା, ଅପମିଶ୍ରଣ ଓ ସୁରକ୍ଷା ବିଷୟରେ କେବେ କଡା ଯାଞ୍ଚ ହେଉନାହିଁ, ୫ ରୁ ୬ ମାସ ପୂର୍ବରୁ ବିଭାଗ ଆସି ଅଚାନକ ଯାଞ୍ଚ କରିଥିଲେ। ମାତ୍ର ରାତ୍ର ସମୟ ରେ ପ୍ରସ୍ତୁତି ହେଉଥିବା ଖାଦ୍ୟ କେବେ ଯାଞ୍ଚ ହେବ ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି ସ୍ଥାନୀୟ ଲୋକ ।ଗୁପଚୁପ, ଚାର୍ଟ, ଦହିବରା, ଫାଷ୍ଟଫୁଡ ସହିତ ମସାଲା ଯୁକ୍ତ ଖାଦ୍ୟ ଯୁବ ପିଢୀ, କଲେଜ ଛାତ୍ରଛତ୍ରୀ ଙ୍କୁ ଆକୃଷ୍ଟ କରୁଛି ମାତ୍ର ଏହି ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କେତେ ହିତ କି ଅହିତ ଏହା ସାଧାରଣ ଲୋକ ଜାଣିପାରୁନାହାନ୍ତି, ବର୍ତ୍ତମାନ କଟକ ବାଲିଯାତ୍ରା ରେ ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଚଢ଼ାଉ କରାଯାଇ କୁଇଣ୍ଟାଲ କୁଇଣ୍ଟାଲ ପରିମାଣ ରେ ଖାଦ୍ୟ ନଷ୍ଟ କରାଯାଇଥିବା ବେଳେ ଏ ଅଞ୍ଚଳ ରେ କାହିଁକି ସେହିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର, କାକଟପୁର ପିଏଚସି ଓ ସିଏଚସି ର ରିପୋର୍ଟ ମୁତାବକ ଏହି ସମୟ ରେ ଆସୁଥିବା ରୋଗୀ ଙ୍କ ଭିତରେ ଅନେକ ରୋଗୀ ବାହାର ବଜାର ଖାଦ୍ୟ ଖାଇ ପେଟ ଜନିତ ସମସ୍ୟା ରେ ପଡୁଛନ୍ତି। ଯାହାକି ଫଳରେ ଭବିଷ୍ୟତ ରେ ପାକସ୍ଥଳୀ ଓ ଲିଭର ଜନିତ ସମସ୍ୟା ସୃଷ୍ଟି ହେଇପାରେ, ଆଖିକୁ ଦେଖାଯାଉଛି ରଙ୍ଗୀନ ରଙ୍ଗୀନ, ପାଟି କୁ ଲାଗୁଛି ଅମୃତ କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହା ବହୁ ବିପଦଜନକ ବୋଲି ସାଧାରଣ ରେ ଚିନ୍ତା ପ୍ରକଟ କରୁଛନ୍ତି କିଛି ଶିକ୍ଷିତ ବ୍ୟକ୍ତି, ସନ୍ଧ୍ୟା ପରେ ଏହି ସବୁ ଖାଦ୍ୟ ର ଚାହିଦା ବୃଦ୍ଧି ପାଉଥିବା ବେଳେ ଏହି ସମୟ ରେ ବିଭାଗ ତରଫରୁ ଯା□ କରାଗଲେ ଅନେକ ସ୍ଥାନରୁ ଏହିଭଳି ନିମ୍ନ ମାନ ର ଖାଦ୍ୟ ବାହାରିବ ବୋଲି ଆଶା ପ୍ରକଟ ହେଉଥିବା ବେଳେ ଏହା ଉପରେ ପ୍ରଶାସନ ସଚେତନତା ସୃଷ୍ଟି କରିବାକୁ ନିବେଦନ କରାଯାଉଛି ।

## ଶିଶୁ ଦିବସରେ ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଖାଦ୍ୟ ମେଳା ଆୟୋଜିତ



ପାରାଦୀପ (ମହାଭାରତ): ପାରାଦୀପ ପୋର୍ଟ ଡି.ଏ.ଭି. ପବ୍ଲିକ୍ ସ୍କୁଲ ପକ୍ଷରୁ ଶୁକ୍ରବାର ଦିନ ଶିଶୁ ଦିବସ ପାଳିତ ହେବା ସହ ଏହି ଅବସରରେ ଏକ ଖାଦ୍ୟ ମେଳା ଆୟୋଜିତ ହୋଇଯାଇଛି । ବିଦ୍ୟାଳୟକୁ ରଙ୍ଗୀନ ବେଲୁନ୍ ଏବଂ ପୁଷ୍ପମାଲ୍ୟରେ ସୁନ୍ଦର ଭାବରେ ସଜାଯାଇଥିଲା ଯାହା ପରିବେଶକୁ ବେସ ଆକର୍ଷଣୀୟ କରୁଥିଲା ।ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ଅତିଥି ମାନଙ୍କୁ ଆୟୋଜିତ ଉତ୍ସବରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭ୍ୟର୍ଥନା କରିଥିଲେ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ ଗୋଷ୍ଠୀ ନୃତ୍ୟ, ଏକକ ଗୀତ, ବକ୍ତବ୍ୟ, ଅତିଥିମାନଙ୍କ ପ୍ରେରଣାଦାୟୀ ଶବ୍ଦ ଏବଂ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମହାନ୍ତିଙ୍କ ପ୍ରେରଣାଦାୟକ ସମସ୍ତଙ୍କୁ ଉତ୍ସାହିତ କରିଥିଲା ଓ ଆନନ୍ଦିତ କରିଥିଲା ଖାଦ୍ୟ ମେଳାରେ ବିଭନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ନୂତନ ଓ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲେ। ବିଦ୍ୟାର୍ଥୀ ମାନଙ୍କୁ ସେମାନଙ୍କର ସମନ୍ୱିତ ବିକାଶ ପାଇଁ ପୋଷଣ ତଥା ପୃଷ୍ଠପୋଷକତା ପାଇଁ ସେମାନଙ୍କର ଅସାଧାରଣ ଅବଦାନ ଏବଂ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା ଶେଷରେ ଶିକ୍ଷୟିତ୍ରୀ ଶ୍ରୀମତୀ ଶୁଭସ୍ମିତା ପଣ୍ଡାଙ୍କ ଧନ୍ୟବାଦ ସହିତ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା ।

## ଟ୍ରକ୍‌କୁ ଧକ୍କା ଦେଲା ବଲେରୋ ବଲେରୋ ଡ୍ରାଇଭରଙ୍କ ଘଟଣାସ୍ଥଳରେ ଦୁର୍ଭାଗ୍ୟଜନକ ମୃତ୍ୟୁ



ଲକ୍ଷ୍ମୀପୁର,(ମହାଭାରତ):କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ୩୨୬ ନଂ ଜାତୀୟ ରାଜପଥରେ ଆଜି ପୁଣି ଏକ ଅଭାବନୀୟ ଦୁର୍ଘଟଣା ଘଟିଯାଇଛି। ପଞ୍ଚଡା ଛକ ନିକଟରେ ବୋଲେରୋ ଓ ଟ୍ରକ୍ ମଧ୍ୟରେ ଭୟଙ୍କର ଧକ୍କା ହେବାରୁ ଲକ୍ଷ୍ମୀପୁର ବ୍ଲକ ଶୁଣ୍ଡି ପଞ୍ଚଡା ଗ୍ରାମର ଶିବାନନ୍ଦ ନାୟକ (ଡ୍ରାଇଭର) ଘଟଣାସ୍ଥଳରେ ହିଁ ଜୀବନ ହାରାଇଛନ୍ତି ।ସ୍ଥାନୀୟ ସୂତ୍ର ଅନୁସାରେ, ଶିବାନନ୍ଦ ନାୟକ ଦଶମନ୍ତପୁର ଛକରୁ କିଛି ବ୍ୟକ୍ତିଗତ କାମ ସାରି ବୋଲେରୋରେ ସେଇ ଗାଁ ର ୧୪/୧୫ ବୟସର ଦୁଇ ପିଲାଙ୍କ ସହ ଗାଁକୁ ଫେରୁଥିବା ବେଳେ କୋରାପୁଟ ଦିଗରୁ ଆସୁଥିବା ଟ୍ରକ୍ (ରେଜିଷ୍ଟ୍ରେଶନ୍ ନଂ - ଡଡ ୦୭ଇକ ୪୬୩୭) ସହିତ ଧକ୍କା ହୋଇଥିଲା ।ଧକ୍କା ଏତେ ଯୋରଜାର ହୋଇଥିଲା ଯେ ବୋଲେରୋ ସଂପୂର୍ଣ୍ଣ ଚୁରମାର ହେବା ସହିତ ଘଟଣା ସ୍ଥଳରେ ବଲେରୋ ଡ୍ରାଇଭର ଙ୍କ ମୃତ୍ୟୁ ହୋଇଥିବା ବେଳେ ସେଇ ଗାଁ ର ଦୁଇ ପିଲା ଗୁରୁତ୍ୱର ଭାବେ ଆହାତ ହେଇଛନ୍ତି, ଆହାତ ମାନଙ୍କୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ରେ ହସ୍ପିଟାଲ କୁ ପଠାଇଥିବା ସୂଚନା ମିଳିଛି । ଘଟଣାର ସୂଚନା ପାଇ ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇଁ, ନାରାୟଣପାଟଣା ବିଡିଓ, ଓ କାକିରିଗୁମା ପୋଲିସ ଟିମ୍ ଅବିଳମ୍ବେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିରୀକ୍ଷଣ କରିଛନ୍ତି ।ପୋଲିସ ଅନୁସାରେ, ଟ୍ରକ୍ ଡ୍ରାଇଭର ଘଟଣାପରେ ଫେରାର୍ ହୋଇଥିବା ସୂଚନା ମିଳିଛି ଓ ତାଙ୍କ ସନ୍ଧାନ ଜାରି ରହିଛି ।ଦୁର୍ଘଟଣା ଖବର ପ୍ରସାର ହେବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖା ଦେଇଛି। ସ୍ଥାନୀୟ ଲୋକମାନେ ଉତ୍ୟକ୍ତ ହୋଇ ଜାତୀୟ ରାଜପଥ-୩୨୬ କିଛି ସମୟ ପାଇଁ ଅବରୋଧ କରିଥିବା ସୂଚନା ମିଳିଛି। ବାରମ୍ବାର ରାଜପଥରେ ଯାନବାହାନର ବେଗ ସୀମା ଉଲଂଘନ ପ୍ରଶ୍ନରେ ଚିନ୍ତା ବୃଦ୍ଧି ପାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ ସେବାରୁ ବଞ୍ଚିତ ତେଣ୍ଡା ଗ୍ରାମର ଜନଜାତି ପରିବାର



କପ୍ତିପଦା-(ମହାଭାରତ): କପ୍ତିପଦା - କପ୍ତିପଦା ବ୍ଲକ ଅନ୍ତର୍ଗତ ସରଢିହା ଗ୍ରାମ ପଞ୍ଚାୟତରେ ତେଣ୍ଡା ଗ୍ରାମ ଅବସ୍ଥିତ।ଏହି ଗ୍ରାମରେ ୩୩ ଗୋଟି ଆଦିବାସୀ ପରିବାର ବାସ କରନ୍ତି। ସନ୍ଧ୍ୟା ନ ହେବା ପୂର୍ବରୁ ସୂର୍ଯ୍ୟଙ୍କ କିରଣ ଏହି ଗ୍ରାମରୁ ଲିଭି ଯାଏ । ଶିକ୍ଷା ଏଠାକାର ଲୋକେ ଆଜି ବି ସାମାଜିକ ସ୍ରୋତରୁ ଦୂରରେ ଅଛନ୍ତି କାରଣ ଏହି ଅଞ୍ଚଳରେ ଆଜି ବି ବିକାଶର ଛାଇ ପଡ଼ି ପାରି ନାହିଁ। ଶିକ୍ଷା ଏବଂ ସାମାଜିକ ଯୋଜନାରୁ ଏଠିକାର ଆଦିମ ଅଧିବାସୀମାନେ ଆଜି ମଧ୍ୟ ବହୁତ ଦୂରରେ ଅଛନ୍ତି । ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଏହି ଉପାନ୍ତ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ହୋଇ ପାରି ନାହିଁ। ଉକ୍ତ ଗ୍ରାମକୁ ନା ଅଛି ବିଦ୍ୟୁତ ସେବା ନା ଅଛି ଗମନା ଗମନ ପାଇଁ ଭଲ ରାସ୍ତାୟ ପାଣି ପଞ୍ଚାୟତ ନାମରେ ଲୋକଙ୍କୁ ସୁସ୍ଥ ପାନୀୟ ଜଳ ଯୋଗାଣ କରିବା ନିମନ୍ତେ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଗ୍ରାମରେ ଗୋଟିଏ ହେଲେ ମଧ୍ୟ ନଳକୂପ ସ୍ଥାପନ କରି ପାରି ନାହିଁ। ତେଣ୍ଡା ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇ ନ ଥିବାରୁ ଏଠିକାର ଆଦିମ ଅଧିବାସୀମାନେ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇ ଅଛନ୍ତି। ଉକ୍ତ ଗ୍ରାମକୁ ଯିବା ପାଇଁ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଲୋକେ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାକୁ ଯାଇ ପାରୁ ନାହାଁନ୍ତି କି ଉକ୍ତ ଗ୍ରାମକୁ ଆମ୍ବୁଲାନ୍ସ ଗାଡ଼ି ଯାଇ ପାରେ ନାହିଁ। ତେବେ , ସେମାନଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ସହିତ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ଆଜି ଏହି ୩୩ ଜନଜାତି ପରିବାର ମେଳି ବାନ୍ଧିଥିବା ଖବର ମିଳିଛି , ଚଳିତ ନଭେମ୍ବର ମାସ ୨୬ ତାରିଖ ଦିନ ଗ୍ରାମବାସୀଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ନିମନ୍ତେ ବୈଠକ ଆୟୋଜନ କରିଛନ୍ତି। ଏହି ଆଦିବାସୀ ମେଳିରେ ଗ୍ରାମର ଲପର ସିଦ୍ଧୁ, ଲାଣ୍ଡୁ ସିଦ୍ଧୁ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ , ମାଂଘୁ କୁଙ୍କେଲ, ଗୁନା ଦେଓଗାମ, ଟୁରି କୁଙ୍କେଲ, ମିଟୁ ବାର୍ଦା,ବାଲେମା କୁଙ୍କେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶରତରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ



କପ୍ତିପଦା-(ମହାଭାରତ):କପ୍ତିପଦା ଅନ୍ତର୍ଗତ ଶରତଠାରେ ବୀର ବିର୍ସା ମୁଣ୍ଡା ସ୍ମୃତି କମିଟି, ଶରତ , ମୟୁରଭଞ୍ଜ ଆନୁକୁଲ୍ୟରେ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଆଡମ୍ବର ସହକାରେ ପାଳନ ହୋଇ ଯାଇଛି। ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପିନ୍ଧା ଯିବା ସହିତ ଦୀପ, ଧୂପ ଦ୍ୱାରା ତାଙ୍କ ସମ୍ମାନାର୍ଥେ ପ୍ରାର୍ଥନା କରାଯାଇଥିଲା। ରାଣୀପୋଖରୀ ଗ୍ରାମ ପଞ୍ଚାୟତର ସରପଞ୍ଚ□ ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ମାର୍କଣ୍ଡ ହେମ୍ବ୍ରମଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇ ଯାଇଛ। ମୁଖ୍ୟ ଅତିଥି ଭାବରେ ପୂର୍ବତନ କପ୍ତିପଦା ବ୍ଲକ ଅଧ୍ୟକ୍ଷ ସଙ୍ଗା ପାଳିଆ , ଶରତ ପୂର୍ବତନ ସରପଞ୍ଚ ଚୈତନ୍ୟ ପ୍ରସାଦ ସୋରେନ, ବର୍ତମାନର ସରପ□ ପଦ୍ମାବତୀ ସିଂ, ଗାମାଏ ରୀମିଲ ଗୋଇପାଇ, ସମାଜସେବୀ ଲାଦୁରା ହାଇବୁରୁ ପ୍ରମୁଖ ଉପସ୍ଥିତ ରହି ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ।ଚ୍ଚନୁ ଟିୟୁ, ରବୀନ୍ଦ୍ର ଶୁଣ୍ଡି, ମହାନ୍ତି ଦେଓଗାମ ଦେହୁରୀ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇ ଥିଲା।

## ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ସରସ୍ତୀ ଶିଶୁ ବିଦ୍ୟାମନ୍ଦିର ରେ ପ୍ରଜ୍ଞାନ ମିଶନ ପକ୍ଷ ରୁ ବ୍ଲକ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ପ୍ରଜ୍ଞାନ ମିଶନ ଗୀତା ଆବୃତ୍ତି ପ୍ରତିଯୋଗିତା ଜିଲ୍ଲା ସଂଯୋଜକ ବିବେକାନନ୍ଦ ଦାଶଙ୍କ ନେତୃତ୍ୱ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ସରସ୍ତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ଙ୍କ ସଭାପତିତ୍ୱରେ ଗୁରୁଜୀ ବେଣୁଧର ମହାନ୍ତ ଙ୍କ ସଂଯୋଜନା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ରେ ଉପସ୍ଥିତ ଅତିଥି ମାନଙ୍କ ପରିଚୟ ଖବର ଦାତା ବୀର କିଶୋର ଦାଶ ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥି ଭାବେ ବଡପାଟଣା ପଞ୍ଚାୟତ ସରପଞ୍ଚ ବିନତୀ ବାନରା ଯୋଗଦାନ କରି ଭଗବତ ଗୀତା ଉପରେ ଅଭିଭାଷଣ ରଖି ଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ ଯୋଗଦାନ କରି ଗୀତାୟର ମହତ କାଥା ଅଭିଭାଷଣ ରେ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ କ୍ଷୀରୋଦ କୁମାର ମିଶ୍ର ଉପସ୍ଥିତି ଥିଲେ। ଏହି ପ୍ରଜ୍ଞାନ ମିଶନ ପକ୍ଷ ରୁ ଗୀତା ଆବୃତ୍ତି ପ୍ରତିଯୋଗିତା କୁ ପାଟଣା ବ୍ଲକ ଅଞ୍ଚଳ ର ଶିକ୍ଷାନୁଷ୍ଠାନ ଗୁଡିକ ରୁ ୪୩ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀ ମାନ ଙ୍କୁ ତିନି ଟି ବିଭାଗ ବିଭକ୍ତ କରାଯାଇ ବିଚାରକ ମଣ୍ଡଳୀ ପଣ୍ଡିତ ଗଜେନ୍ଦ୍ର ମିଶ୍ର, କ୍ଷୀରୋଦ କୁମାର ମିଶ୍ର,ହଳଧର ମହାନ୍ତ, ଗୁରୁମା ତ୍ରିବେଣୀ ମହାନ୍ତ, ଶର୍ମିଷ୍ଠା ସୋରେନ୍,ଉପସ୍ଥିତି ରେ କୃତିତ୍ୱ ପ୍ରତିଯୋଗୀ ଚୟନ କରି ଥିଲେ। ଏଥି ମଧ୍ୟ ରେ କଞ୍ଚବିଭାଗ ର ପ୍ରଥମ ସ୍ଥାନ ଆଦ୍ୟାସା କର,ଦ୍ୱିତୀୟ ସ୍ଥାନ ପ୍ରଲିନ୍ ପିହୁ ମହାନ୍ତ,ତୃତୀୟ ସ୍ଥାନ କାଜ କୁମାର ବେହେରା,ଖଞ୍ଚବିଭାଗ ର ପ୍ରଥମ ସ୍ଥାନ ପ୍ରତିଭା ପରି ରଣା, ଦ୍ୱିତୀୟ ସ୍ଥାନ ପ୍ଲୋବି ମହାନ୍ତ,ତୃତୀୟ ସ୍ଥାନ ତେଜସ୍ମିତା ମହାନ୍ତ,ଗଞ୍ଚବିଭାଗ ର ପ୍ରଥମ ସ୍ଥାନ ହିମାଦ୍ରି ତନ୍ୟା ମହାନ୍ତ,ଦ୍ୱିତୀୟ ସ୍ଥାନ ସାଇଁ କ୍ରୀଷ୍ଣା ପଣ୍ଡା,ତୃତୀୟ ସ୍ଥାନ ଲୋଭ୍ଲୀ ନାଏକ କୃତିତ୍ୱ ହାସଲ କରି ଥିଲେୟ କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଗୀତା ପୁସ୍ତକ,ମାନପତ୍ର ପ୍ରଦାନ କରାଯାଇଛି।

## କପ୍ତିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ବାର୍ଷିକ କ୍ରୀଡା ଅନୁଷ୍ଠିତ

କପ୍ତିପଦା-(ମହାଭାରତ): ଶନିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କପ୍ତିପଦା ର ବାର୍ଷିକ କ୍ରୀଡ଼ା ଖେଳ ଗୁରୁଜୀ ଚୈତନ୍ୟ ବେହେରା ଙ୍କ ତତ୍ତ୍ୱାବଧାନରେ ଧୂମକ୍ଷେତ ପଡିଆ ଠାରେ ଅନୁଷ୍ଠିତ ହୋଇଅଛି। ଏଥିରେ ସ୍ଥାନୀୟ ବାସନ୍ତୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପିବଲ୍ଲଭ ମହାନ୍ତି, ଶିଶୁ ବିଦ୍ୟା ମନ୍ଦିରର ସଭାପତି ବସନ୍ତ ମିଶ୍ର, ସମ୍ପାଦକ ଶ୍ରୀଧର ନାୟକ ଉପସଭାପତି ପ୍ରଦୀପ କୁମାର ବେହେରା ଓ ସମ୍ମାନୀୟ ମୁଖ୍ୟ ଅତିଥି ଭାବରେ ଶତ୍ରୁଘ୍ନ ମହାନ୍ତି ଯୋଗଦାନ କରି ଏହାର ଉଦ୍ଘାଟନ କରିଥିଲେ। ଏଥିରେ ୧୨୨ ଜଣ ଶିଶୁ ବିଭିନ୍ନ ଖେଳ ରେ ଭାଗ ନେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୫୬ ଜଣ ଶିଶୁ ସଙ୍କୁଳ ସ୍ତର କୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମସ୍ତ ଗୁରୁଜୀ ଓ ଗୁରୁମା ଙ୍କ ସହଯୋଗରେ ସରସ୍ତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାଶିଷ ପଣ୍ଡା ଏହାର ଉଦଯାପନ କରିଥିଲେ।

## କୃଷି ଆମଦାନୀ ଉପରେ ଶୁଳ୍କ ହ୍ରାସ ପାଇଁ ଟ୍ରମ୍ପଙ୍କ ସ୍ୱାକ୍ଷର



ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନେକ କୃଷି ଆମଦାନୀ ଉପରେ ଶୁଳ୍କ ହ୍ରାସ କରିବା ପାଇଁ ଏକ ଆଦେଶରେ ସ୍ୱାକ୍ଷର କରିଛନ୍ତି। ଗୋମାଂସ, ଟମାଟୋ, କଫି ଏବଂ କଦଳୀ ଭଳି ଉତ୍ପାଦଗୁଡ଼ିକ ପାରସ୍ପରିକ ଶୁଳ୍କରୁ ମୁକ୍ତ ରହିବେ। କିନ୍ତୁ ସମ୍ପୂର୍ଣ୍ଣ ଶୁଳ୍କରୁ ମୁକ୍ତ ରହିବେ ନାହିଁ। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଜନସାଧାରଣଙ୍କ ଅସନ୍ତୋଷ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଆମେରିକା ଉପରେ ବିନାଶକାରୀ ପ୍ରଭାବ ପକାଉଛି। ଜନସାଧାରଣଙ୍କ ମଧ୍ୟରେ ପ୍ରତିଫଳିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି, ଟ୍ରମ୍ପ୍ ଶୁକ୍ରବାର ଦିନ ଶୁଳ୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ସେ ଅନେକ କୃଷି ଆମଦାନୀ ଉପରେ ଶୁଳ୍କ ହ୍ରାସ କରିବା ପାଇଁ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଛନ୍ତି। ଏହି ନିର୍ଦ୍ଦେଶ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି, ଅର୍ଥାତ୍ ଏହା ସ୍ୱାକ୍ଷରିତ ହେବା ପୂର୍ବରୁ ପିଛିଲା ଭାବେ କାର୍ଯ୍ୟକାରୀ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ଗୋମାଂସ, ଟମାଟୋ, କଫି ଏବଂ କଦଳୀ ଭଳି ଅନେକ ଆମଦାନୀ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ ପାଇବ। ଏହା ମେକ୍ସିକୋକୁ ଯଥେଷ୍ଟ ଲାଭ ଦେବ। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶ ଏହି ଜିନିଷଗୁଡ଼ିକୁ ଦଶ ପ୍ରତିଶତରୁ ପଚାଶ ପ୍ରତିଶତ ପର୍ଯ୍ୟନ୍ତ ପାରସ୍ପରିକ ଶୁଳ୍କ ହାରରୁ ମୁକ୍ତ କରିଛି। ତଥାପି, ଏଗୁଡ଼ିକ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ ହେବ ନାହିଁ। ଉଦାହରଣ ସ୍ୱରୂପ, ମେକ୍ସିକୋରୁ ଆମଦାନୀ ହୋଇଥିବା ଟମାଟୋ ପୂର୍ବରୁ ଲାଗୁ ହୋଇଥିବା ସତର ପ୍ରତିଶତ ଶୁଳ୍କ ଅଧୀନରେ ରହିବ। ଏହି ହାର ଜୁଲାଇରେ କାର୍ଯ୍ୟକାରୀ ହୋଇଥିଲା। ଯେତେବେଳେ ପ୍ରାୟ ତିନି ଦଶନ୍ଧି ପୁରୁଣା ବାଣିଜ୍ୟ ଚୁକ୍ତିନାମା ସମାପ୍ତ ହୋଇଥିଲା। ସେହି ପରିବର୍ତ୍ତନ ପରେ ଟମାଟୋର ମୂଲ୍ୟ ତୁରନ୍ତ ବୃଦ୍ଧି ପାଇଥିଲା। ଟ୍ରମ୍ପ୍ ଦାୟିତ୍ୱ ନେବା ପରଠାରୁ ବର୍ତ୍ତମାନ ପାରସ୍ପରିକ ଶୁଳ୍କରୁ ମୁକ୍ତ ଥିବା ଅନେକ ଜିନିଷ ବର୍ଷ ବର୍ଷ ଧରି ସବୁଠାରୁ ମହଙ୍ଗା ହୋଇଯାଇଥିଲା। ବୃଦ୍ଧି ପାଇଥିବା ମୂଲ୍ୟର କାରଣ ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ଏବଂ ଘରୋଇ ଉତ୍ପାଦନର ଅଭାବକୁ ଦାୟୀ କରାଯାଇଥିଲା। ଉଦାହରଣ ସ୍ୱରୂପ, ଅଗଷ୍ଟରେ ବ୍ରାଜିଲରୁ ଆମଦାନୀ ହେଉଥିବା କଫି ଉପରେ ପଚାଶ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା। ଗ୍ରାହକମାନେ ସେପ୍ଟେମ୍ବରରେ ପୂର୍ବ ବର୍ଷ ତୁଳନାରେ ପ୍ରାୟ କୋଡ଼ିଏ ପ୍ରତିଶତ ଅଧିକ କଫି ପାଇଁ ଦେୟ ଦେଇଥିଲେ। ଏହି ପଦକ୍ଷେପ ଏପରି ଏକ ସମୟରେ ଆସିଛି ଯେତେବେଳେ ମତଦାତାମାନେ ସମ୍ପ୍ରତି ନିର୍ବାଚନ ପରେ ମୁଦ୍ରାସ୍ଫୀତି ଏବଂ ଅର୍ଥନୀତିର ଅବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ରାଜ୍ୟର ଉପନିର୍ବାଚନରେ, ମତଦାତାମାନେ ବିରୋଧୀ ଦଳଗୁଡ଼ିକୁ ସମର୍ଥନ କରି ସରକାରଙ୍କ ବିରୁଦ୍ଧରେ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା।

## ୨୦ରୁ ୧୧ ବାହୁବଳୀ ନେତା ଓ ସେମାନଙ୍କ ପରିବାର ସଦସ୍ୟ ଜିତିଲେ

ପାଟନା: ନିର୍ବାଚନ ପ୍ରଚାର ସମୟରେ ଜନ ସୁରାଜ ପାର୍ଟିର ଜଣେ ସମର୍ଥକଙ୍କ ହତ୍ୟା ମାମଲାରେ ଗିରଫ ହେବାର ପ୍ରାୟ ଏକଚାଳିଶ ଦିନ ପରେ, ଜନତା ଦଳ (ୟୁନାଇଟେଡ୍)ର ବାହୁବଳୀ ପ୍ରାର୍ଥୀ ଅନନ୍ତ ସିଂହ ଶୁକ୍ରବାର ମୋକାମା ନିର୍ବାଚନମଣ୍ଡଳୀରୁ କ୍ରମାଗତ ଷଷ୍ଠ ଥର ପାଇଁ ନିର୍ବାଚନ ଜିତିଛନ୍ତି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ର ତଥ୍ୟରୁ ଜଣାପଡ଼ିଛି ଯେ ବିହାର ନିର୍ବାଚନରେ ୨୦ ଜଣ ବାହୁବଳୀ ନେତା କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ ବିଜୟୀ ହୋଇଥିବା ୧୧ ଜଣଙ୍କ ମଧ୍ୟରେ ସିଂହ ମଧ୍ୟ ଅଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଅନ୍ୟ ଜଣେ ବାହୁବଳୀ ବ୍ୟକ୍ତି ଦୁଲାରଚାନ୍ଦ ଯାଦବଙ୍କ ହତ୍ୟା ମାମଲାରେ ନଭେମ୍ବର ୨ ତାରିଖ ସକାଳେ ଗିରଫ ହୋଇଥିବା ସିଂହ ଆର୍‌ଜେଡିର ବୀଣା ଦେବୀଙ୍କୁ ୨୮,୨୦୬ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ବୀଣା ଦେବୀ ହେଉଛନ୍ତି, ସ୍ଥାନୀୟ ଗ୍ୟାଙ୍ଗଷ୍ଟରରୁ ନେତା ହୋଇଥିବା ସୁରଜଭାନ ସିଂହଙ୍କ ପତ୍ନୀ। ହତ୍ୟା ସମେତ ଏକାଧିକ ଆପରାଧିକ ମାମଲାରେ ଜେଲରେ ଥିବା ଆର୍‌ଜେଡି ନେତା ରିତ୍ ଲାଲ ରାୟ ଦାନାପୁର ଆସନରୁ ନିର୍ବାଚନ ଲଢ଼ିଥିଲେ। ତେବେ ନିର୍ବାଚନ ଆୟୋଗର ତଥ୍ୟ ଅନୁଯାୟୀ, ସେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ସାଂସଦ ରାମ କୃପାଲ ଯାଦବଙ୍କଠାରୁ ୨୯,୧୮୮ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଛନ୍ତି। ଜେଡିୟୁର ଅନ୍ୟ ଜଣେ ବାହୁବଳୀ ବ୍ୟକ୍ତି ରାଧାଚରଣ ସେଠ୍ ଆରା ଲୋକସଭା ନିର୍ବାଚନମଣ୍ଡଳୀର ସନ୍ଦେଶ ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି। ସେ ଅପରାଧୀରୁ ରାଜନେତା ହୋଇଥିବା ଅରୁଣ ଯାଦବଙ୍କ ପୁଅ ଆର୍‌ଜେଡିର ଦୀପୁ ସିଂହଙ୍କୁ ମାତ୍ର ୨୭ ଭୋଟରେ ପରାଜିତ କରିଛନ୍ତି। ବାଢ଼ରେ ଆର୍‌ଜେଡି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ଥାନୀୟ ଶକ୍ତିଶାଳୀ ବ୍ୟକ୍ତି କର୍ଣ୍ଣବୀର ସିଂହ ଯାଦବ ବିଜେପିର ସିୟାରାମ ସିଂହଙ୍କଠାରୁ ୨୪,୮୧୩ ଭୋଟରେ ପରାସ୍ତ ହୋଇଛନ୍ତି। ମାଟିହାନି ଆସନରେ ଆର୍‌ଜେଡିର ବାହୁବଳୀ ନେତା ନରେନ୍ଦ୍ର କୁମାର ସିଂହ ଓରଫ ବୋଗୋ ସିଂହ ଜେଡିୟୁର ରାଜକୁମାର ସିଂହଙ୍କୁ ୫,୨୯୦ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ଜେଡିୟୁ ପ୍ରାର୍ଥୀ ଅମରେନ୍ଦ୍ର କୁମାର ପାଣ୍ଡେ କଂଗ୍ରେସର ହରି ନାରାୟଣ ସିଂହଙ୍କୁ ୨୪,୩୬୫ ଭୋଟରେ ପରାସ୍ତ କରିଥିବା ବେଳେ ଏକମା ପ୍ରାର୍ଥୀ ମନୋରଞ୍ଜନ ସିଂହ ଶ୍ରୀକାନ୍ତ ଯାଦବଙ୍କୁ ୨୨,୭୦୮ ଭୋଟରେ ପରାସ୍ତ କରିଛନ୍ତି। ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ସୁନୀଲ ପାଣ୍ଡେଙ୍କ ପୁଅ ବିଶାଲ ପ୍ରଶାନ୍ତ ତରାରୀ ଆସନରୁ ବିଜେପି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ସିପିଆଇ(ଏମ୍-ଏଲ୍) ପ୍ରାର୍ଥୀ ମଦନ ସିଂହଙ୍କୁ ୧୦,୬୫୯ ଭୋଟରେ ପରାସ୍ତ କରିଛନ୍ତି। ପାଣ୍ଡେଙ୍କ ଭାଇ ତଥା ବ୍ରହ୍ମପୁର ଆସନରୁ ଏଲ୍‌ଜେପି ପ୍ରାର୍ଥୀ ହୁଲାସ ପାଣ୍ଡେ ଆର୍‌ଜେଡିର ଶମ୍ଭୁନାଥ ଯାଦବଙ୍କଠାରୁ ୩,୨୨୦ ଭୋଟରେ ପରାସ୍ତ ହୋଇଥିଲେ। ଆର୍‌ଜେଡିର ଓସାମା ଶାହାବ ସିୱାନର ରଘୁନାଥପୁର ଆସନରୁ ଜେଡିୟୁର ବିକାଶ କୁମାର ସିଂହଙ୍କ ବିରୋଧରେ ୯,୨୪୮ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ତାଙ୍କ ପିତା ସ୍ୱର୍ଗତ ମହମ୍ମଦ ଶାହାବୁଦ୍ଦିନ ବିହାରର ସବୁଠାରୁ ବାହୁବଳୀ ନେତା ଥିଲେ। ଅନ୍ୟ ଜଣେ ଆରଜେଡି ନେତା ତଥା ଗ୍ୟାଙ୍ଗଷ୍ଟର ସୁରେନ୍ଦ୍ର ଯାଦବଙ୍କ ପୁଅ ବିଶ୍ୱନାଥ କୁମାର ସିଂହ ବେଲାଗଞ୍ଜ ଆସନରୁ ଜେଡିୟୁର ମନୋରମା ଦେବୀଙ୍କଠାରୁ ୨,୮୮୨ ଭୋଟରେ ପରାସ୍ତ ହୋଇଛନ୍ତି।

## ରାଜନୀତି ଛାଡ଼ିଲେ ଲାଲୁଙ୍କ ଝିଅ



ବିହାର : ବିହାର ବିଧାନସଭା ନିର୍ବାଚନ ହାରିବା ପରେ ଲାଲୁ ଯାଦବଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି । ଏଥିସହିତ ସେ ତାଙ୍କ ପରିବାର ସହିତ ମଧ୍ୟ ସମସ୍ତ ପ୍ରକାର ସମ୍ପର୍କ ତୁଟାଇଛନ୍ତି । ଏନେଇ ରୋହିଣୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ।

ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି "ମୁଁ ରାଜନୀତି ଛାଡ଼ି ଦେଉଛି ଏବଂ ମୁଁ ମୋ ପରିବାର ସହ ସମ୍ପର୍କ ତୁଟାଉଛି । ଏହା ହିଁ ସଞ୍ଜୟ ଯାଦବ ଏବଂ ରମିଜ ମୋତେ କରିବାକୁ କହିଥିଲେ ଏବଂ ମୁଁ ସମସ୍ତ ଦୋଷ ନେଉଛି ।"

## ଦୁବାଇରେ ଶାହରୁଖଙ୍କ ନାମରେ ନିର୍ମାଣ ହେବ ୪ହଜାର କୋଟିର ଟାୱାର




ମୁମ୍ବାଇ: ବଲିଉଡ ବାଦଶାହ ଶାହରୁଖ ଖାନ କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ଅତି ଲୋକପ୍ରିୟ। ତାଙ୍କର ଲୋକପ୍ରିୟତା ଦେଶ ସହ ବିଦେଶରେ ମଧ୍ୟରେ ରହିଛି। ବିଶେଷ କରି ଆରବ ଦେଶର ଲୋକମାନେ ତାଙ୍କ ଫିଲ୍ମ ପାଇଁ ପାଗଳ। ଅନେକ ଥର ଦୁବାଇର ଆଇଫିଲ୍ ଟାୱାରରେ ଶାହରୁଖଙ୍କ ଫିଲ୍ମର ଟିଜର ଦେଖିବାକୁ ମିଳିଥାଏ। ଏମିତି କି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଦେବା ପାଇଁ ଆଇଫିଲ୍ ଟାୱାରରେ ତାଙ୍କ ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥାଏ। ଏବେ, ଆରବ ଦେଶ ଶାହରୁଖଙ୍କୁ କେତେ ଭଲ ପାଏ ତାହା ପୁଣି ଥରେ ପ୍ରମାଣ କରିଛନ୍ତି। ସୂଚନା ମିଳିଛି ଯେ, ଦୁବାଇରେ ଏହି ସୁପରଷ୍ଟାରଙ୍କ ନାମରେ ଏକ ବିଳାସପୂର୍ଣ୍ଣ ଟାୱାର ନିର୍ମାଣ ହେବାକୁ ଯାଉଛି, ଯାହାର ମୂଲ୍ୟ ୪ହଜାର କୋଟିରୁ ଅଧିକ ହେବ। ଶୁକ୍ରବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଶାହରୁଖ ଖାନ ଉପସ୍ଥିତ ଥିଲେ। ସେ ତାଙ୍କ ନାମରେ ନାମିତ 'ଝଷବଷକ୍ୱଙ୍କଲଷ'ଶ୍ୱ ଉବଭଙ୍କଭର' ନାମକ କୋଠାର ଉଦଘାଟନ କରିଥିଲେ। ତାଙ୍କ ସହିତ କୋଠାର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ରିଜୱାନ ସନଜ ମଧ୍ୟ ଥିଲେ, ଯିଏ ସୁପରଷ୍ଟାରଙ୍କ ନାମରେ ଏହି ବିଳାସପୂର୍ଣ୍ଣ କୋଠା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟକ୍ରମରେ ସୁପରଷ୍ଟାର ଶାହରୁଖ ତାଙ୍କ ନାମରେ କୋଠା ନିର୍ମାଣ ହେବା ନେଇ ମଧ୍ୟ ଖୁସି ବ୍ୟକ୍ତ କରିଥିଲେ। ସେ କାର୍ଯ୍ୟକ୍ରମରେ କହିଥିଲେ ଯେ, 'ଯଦି ମୋ ମାଆ ଆଜି ବଞ୍ଚିଥାନ୍ତେ, ତେବେ ସେ ବହୁତ ଖୁସି ହୋଇଥାନ୍ତେ। ଏହା ଏକ ବଡ଼ ସମ୍ମାନ। ଯେତେବେଳେ ମୋ ପିଲାମାନେ ଯିବେ, ମୁଁ ସେମାନଙ୍କୁ କହିବି, 'ଦେଖ, ଏଥିରେ ବାପାଙ୍କ ନାମ ଲେଖା ହୋଇଛି। ଏହା ବାପାଙ୍କ କୋଠା'

'ଝଷବଷକ୍ୱଙ୍କଲଷ'ଶ୍ୱ ଉବଭଙ୍କଭର' ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଏହାର ନିର୍ମାଣ ମୂଲ୍ୟ ପ୍ରାୟ ୪ହଜାର କୋଟି ହେବ ବୋଲି ଆକଳନ କରାଯାଇଛି। ଏହି ଟାୱାରରେ ୫୬ମହଲା ରହିବ। ଏହି ଟାୱାରରେ ଏକ ହେଲିପ୍ୟାଡ୍ ଏବଂ ଏକ ସୁଇମିଂ ପୁଲ ମଧ୍ୟ ରହିବ।

## ଆତଙ୍କବାଦୀ ମଡ୍ୟୁଲ୍ ସିମ୍ କାର୍ଡ ପାଇବା ପାଇଁ ହରିୟାଣା ମସଜିଦ୍ ଠିକଣା ଦେଇଥିଲା ଡାକ୍ତର ଶାହିନ୍



ନୂଆଦିଲ୍ଲୀ: ପାକିସ୍ତାନର ଜୈସ-ଏ-ମହମ୍ମଦ (ଜେଇଏମ୍) ସହ ଜଡିତ ଏକ ହ୍ୱାଇଟ୍ କଲର୍ ଆତଙ୍କବାଦୀ ମଡ୍ୟୁଲ୍ ମାମଲାରେ ଗତ ସପ୍ତାହରେ ଫରିଦାବାଦରୁ ଗିରଫ ହୋଇଥିବା ଡାକ୍ତର ଶାହିନ ଶାହିଦ ମିଥ୍ୟା ଠିକଣାରେ ପଞ୍ଜୀକୃତ ହୋଇଥିବା ସିମ୍ କାର୍ଡ ବ୍ୟବହାର କରିଥିଲା। ଅଲ-ଫଲାହ ବିଶ୍ୱବିଦ୍ୟାଳୟ କ୍ୟାମ୍ପସର ହଷ୍ଟେଲରେ ରହୁଥିବା ଶାହିନ ହରିୟାଣାର ଧୌଜରେ ଥିବା ଏକ ମସଜିଦର ଠିକଣା ବ୍ୟବହାର କରି ସିମ୍ ପାଇଥିଲା। ଏହି ନମ୍ବରକୁ ସେ ବାରମ୍ବାର ବ୍ୟବହାର କରୁଥିଲା। ଏହା ମଧ୍ୟ ଜଣାପଡିଛି ଯେ, ଡାକ୍ତର ଶାହିନ୍ ଲକ୍ଷ୍ନୌରେ ଥିବା ତା' ପିତାଙ୍କ ବାସଭବନକୁ ତା'ର ସ୍ଥାୟୀ ଠିକଣା ଭାବରେ ତାଲିକାଭୁକ୍ତ କରିନାହିଁ। ଏହା ପରିବର୍ତ୍ତେ ସେ ତା' ଭାଇ ପରଭେଜ ଅନସାରୀର ଠିକଣା ପ୍ରଦାନ କରିଛି, ଯାହାକୁ ଏହି ସପ୍ତାହ ଆରମ୍ଭରେ ଲକ୍ଷ୍ନୌରେ ତା' ବାସଭବନରେ ଚଢ଼ାଉ କରିବା ପରେ ଉତ୍ତରପ୍ରଦେଶ ପୁଲିସ ଓ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ଦ୍ୱାରା ଅଟକ ରଖାଯାଇଥିଲା। ଏହା ବ୍ୟତୀତ, ଡକ୍ଟର ଶାହିନର ଭ୍ରମଣ ରେକର୍ଡକୁ ବିଶ୍ଳେଷଣ କରିବା ସମୟରେ ଜଣାପଡିଛି ଯେ, ସେ କାନପୁରରେ ଚାକିରି ଛାଡିବା ପରେ ୨୦୧୩ରେ କିଛି ସମୟ ପାଇଁ ଥାଇଲାଣ୍ଡ ଗସ୍ତ କରିଥିଲା। ପ୍ରାୟ ଦୁଇ ମାସ ପୂର୍ବେ, ଶାହିନ ତା' ଭାଇ ପରଭେଜ୍ ଅନସାରୀକୁ ଦେଖା କରିବାକୁ ଲକ୍ଷ୍ନୌ ଯାଇଥିଲା। ପରେ ଦୁହେଁ ଏକାଠି କାନପୁର ଯାତ୍ରା କରିଥିଲେ, ଯାହା ବର୍ତ୍ତମାନ ଉତ୍ତରପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ଓ ତଦନ୍ତକାରୀ ଦଳ ଦ୍ୱାରା ଯାଞ୍ଚ କରାଯାଉଛି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ଡ. ଶାହିନକୁ ଭାରତରେ ଜୈସ-ଏ-ମହମ୍ମଦର ମହିଳା ଶାଖା ପ୍ରତିଷ୍ଠା ଓ ନେତୃତ୍ୱ ନେବାର ଦାୟିତ୍ୱ ଦିଆଯାଇଥିଲା। ଜମାତ-ଉଲ୍-ମୋମିନିନ୍ ନାମକ ଏହି ମହିଳା ସଂଗଠନ ମହିଳା ନେତୃତ୍ୱାଧୀନ ଉଗ୍ରବାଦ ଓ ନିଯୁକ୍ତି ନେଟୱାର୍କ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଥିଲା। ଲକ୍ଷ୍ନୌର ଇଣ୍ଟିଗ୍ରାଲ୍ ୟୁନିଭର୍ସିଟିରେ ସିନିୟର ରେସିଡେଣ୍ଟ ଡାକ୍ତର ପରଭେଜ୍ ଅନସାରୀ ସୋମବାର ରାତିରେ ତା' ଭଉଣୀ ଗିରଫ ହେବା ପରେ ସହର ଛାଡିବାକୁ ଚେଷ୍ଟା କରିଥିଲା। ତେବେ ତାକୁ ତଦନ୍ତକାରୀମାନେ ଅଟକାଇଥିଲେ ଏବଂ ବର୍ତ୍ତମାନ ତାକୁ ପଚରାଉଚରା କରାଯାଉଛି। ନଭେମ୍ବର ୧୨ ତାରିଖରେ ଅନସାରୀ ଘରେ ଚଢ଼ାଉ ସମୟରେ ଅଧିକାରୀମାନେ ଛଅଟି ମୋବାଇଲ୍ ଫୋନ୍, ତିନୋଟି ଛୁରୀ, ଗୋଟିଏ ଅନ୍ତର୍ଜାତୀୟ କଲିଂ କାର୍ଡ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ଉପକରଣ ଜବତ କରିଥିଲେ।

## ଦିଲ୍ଲୀ କାର ବିସ୍ଫୋରଣ ମାମଲା: ଆଲ ଫଲାହ ବିଶ୍ୱବିଦ୍ୟାଳୟର ୮ ପ୍ରଫେସରଙ୍କ ଇସ୍ତଫା



ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣ ଏବଂ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପୁଲିସ ଆଉ ଏକ ଏଫଆଇଆର ରୁଜୁ କରିଛି। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଷଡ଼ଯନ୍ତ୍ରର ମାମଲା ରୁଜୁ କରିଛି। ଆତଙ୍କବାଦୀ ଷଡ଼ଯନ୍ତ୍ର ରଚିବା ନେଇ ଦେଶର ବିଭିନ୍ନ ସହରରେ ମାମଲା ରୁଜୁ ହୋଇଛି। ଏନଆଇଏ ବିସ୍ଫୋରଣର ତଦନ୍ତ କରୁଛି। କିନ୍ତୁ ଏହି ସମୟରେ, ଜମ୍ମୁ-କଶ୍ମୀରର ନୌଗାମ୍ ପୁଲିସ ଷ୍ଟେସନରେ ବିସ୍ଫୋରଣ ସୁରକ୍ଷା ଏଜେନ୍ସି ଚିନ୍ତିତ କରିଦେଇଛି। ଦେଶର ତଦନ୍ତକାରୀ ସଂସ୍ଥାଗୁଡ଼ିକ ସନ୍ଦେହ କରୁଛନ୍ତି ଯେ, ଏହି ମଡ୍ୟୁଲର ସଦସ୍ୟମାନେ ଦେଶର ଅନେକ ରାଜ୍ୟ ଏବଂ ସହରରେ ସକ୍ରିୟ ହୋଇ ଥାଇପାରନ୍ତି। ଏହି ସମୟରେ, ହରିୟାଣାର ଫରିଦାବାଦ ଜିଲ୍ଲାର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ମଧ୍ୟ ତଦନ୍ତ ଜୋରଦାର ହୋଇଛି। ଏହି ବିଶ୍ୱବିଦ୍ୟାଳୟର ଜଣେ ଡାକ୍ତର ଆତଙ୍କୀ ମଡ୍ୟୁଲର ସଦସ୍ୟ ଥିଲେ। ସେହିପରି ବିଶ୍ୱବିଦ୍ୟାଳୟରେ ଆତଙ୍କବାଦୀ ଆକ୍ରମଣର ଷଡଯନ୍ତ୍ର କରାଯାଇଥିଲା। ଆକ୍ରମଣରେ ପ୍ରାଣ ହରାଇଥିବା ଡାକ୍ତର ଉମର ଏବଂ ଗିରଫ ଡାକ୍ତର ମଧ୍ୟ ସେହି ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଦିଲ୍ଲୀ ଆତଙ୍କବାଦୀ ଆକ୍ରମଣ ପରେ ଘଓଇ ର ଯାଞ୍ଚ ପରିସରକୁ ଆସିବା ପରେ ଆଲ ଫଲାହ ବିଶ୍ୱବିଦ୍ୟାଳୟର ଆଠ ଜଣ ପ୍ରଫେସର ଇସ୍ତଫା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଏବଂ ଏହାର ଡାକ୍ତର ଏବଂ ଛାତ୍ରଛାତ୍ରୀମାନଙ୍କୁ ଆତଙ୍କବାଦୀ ମଡ୍ୟୁଲ୍ ଏବଂ ଆକ୍ରମଣ ସହିତ ଜଡିତ କରାଯାଇଛି। ଓଗଇ ଡାକ୍ତର ଶାହିନ, ଡାକ୍ତର ଉମର, ଡାକ୍ତର ମୁଜାମ୍ମିଲ ଏବଂ ଡାକ୍ତର ଆଦିଲଙ୍କ ପଞ୍ଜିକରଣକୁ ମଧ୍ୟ ରଦ୍ଦ କରିଛି। ସେମାନେ ଆଉ ଡାକ୍ତରୀ ଅଭ୍ୟାସ କରିପାରିବେ ନାହିଁ, ଡାକ୍ତର ବୋଲି ଡକାଯାଇପାରିବେ ନାହିଁ କିମ୍ବା ରୋଗୀଙ୍କ ଚିକିତ୍ସା କରିପାରିବେ ନାହିଁ। ପୁଲିସ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିଶ୍ୱବିଦ୍ୟାଳୟରେ ଚଢାଉ କରିଛନ୍ତି। ଏହାକୁ ନେଇ ଛାତ୍ରଛାତ୍ରୀମାନେ ମଧ୍ୟ ଚିନ୍ତିତ ହୋଇ ପଡ଼ିଛନ୍ତି। ଜମ୍ମୁ-କଶ୍ମୀର ବିସ୍ଫୋରଣ ପରେ, ବିଶ୍ୱବିଦ୍ୟାଳୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାରଣ ଫରିଦାବାଦର ଯେଉଁ ଦୁଇଟି କୋଠରୀରୁ ୨,୯୦୦ କିଲୋଗ୍ରାମ ଆମୋନିୟମ୍ ନାଇଟ୍ରେଟ୍ ଜବତ କରାଯାଇଥିଲା, ତାହା ବିଶ୍ୱବିଦ୍ୟାଳୟଠାରୁ ଅଳ୍ପ ଦୂରରେ ଅବସ୍ଥିତ। ଡାକ୍ତର ମୁଜାମ୍ମିଲଙ୍କ ସହ ଯୋଗାଯୋଗରେ ଥିବା ଆଲ୍ ଫଲାହ ବିଶ୍ୱବିଦ୍ୟାଳୟର ବହୁ ଡାକ୍ତର ନିଖୋଜ ଅଛନ୍ତି। ମୁଜାମ୍ମିଲଙ୍କ କଲ୍ ଡିଟେଲ୍ସ ଆଧାରରେ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତାଙ୍କ ସହ ଅନେକ ଥର କଥା ହୋଇଥିବା ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ, କିନ୍ତୁ ସେମାନଙ୍କ ଫୋନ୍ ବନ୍ଦ ଥିଲା। ଯେତେବେଳେ ସେମାନେ ସେମାନଙ୍କୁ ପଚରାଉଚରା କରିବାକୁ ଆଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ପହଞ୍ଚିଲେ, ସେମାନେ ସମସ୍ତେ ନିଖୋଜ ଥିଲେ। ହରିୟାଣାର ନୁହ ଜିଲ୍ଲାର ତିନି ଜଣ ଡାକ୍ତରଙ୍କୁ ଅଟକ ରଖାଯାଇଛି ଏବଂ ସେମାନଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ସମୟରେ ସେମାନଙ୍କ ନାମ ମଧ୍ୟ ସାମ୍ନାକୁ ଆସିଥିଲା, କିନ୍ତୁ ଦିଲ୍ଲୀ ବିସ୍ଫୋରଣ କିମ୍ବା ବିସ୍ଫୋରକ କିଣିବାରେ ସେମାନଙ୍କର କୌଣସି ଭୂମିକା ଥିଲା କି ନାହିଁ ତାହା ତଦନ୍ତ କରାଯାଉଛି। ଉତ୍ତର ପ୍ରଦେଶରେ କାର୍ଯ୍ୟରତ ୨୦୦ ରୁ ଅଧିକ କଶ୍ମୀରୀ ଡାକ୍ତର ଏବଂ ଡାକ୍ତରୀ ଛାତ୍ରଛାତ୍ରୀ ତଦନ୍ତକାରୀ ସଂସ୍ଥାଗୁଡ଼ିକର ରାଡାରରେ ଅଛନ୍ତି। ଏହା ପ୍ରକାଶ ପାଇଛି ଯେ, ଶାହିନ ଉତ୍ତର ପ୍ରଦେଶର ପ୍ରାୟ ୫୦ ଜଣ ଡାକ୍ତରଙ୍କ ସହ ଯୋଗାଯୋଗରେ ଥିଲେ। ସୂତ୍ର ଅନୁଯାୟୀ, ଏପର୍ଯ୍ୟନ୍ତ ଗିରଫ ହୋଇଥିବା ସନ୍ଦିଗ୍ଧ ଡାକ୍ତରଙ୍କ ମୋବାଇଲ ଫୋନରୁ ସିଡିଏର ତଥ୍ୟ ଏବଂ ଡାକ୍ତର ମୁଜାମ୍ମିଲ ଏକ ବଡ଼ ନେଟୱାର୍କ ପ୍ରକାଶ କରିଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଡାକ୍ତରଙ୍କ ଏକ ଲମ୍ବା ତାଲିକା ପ୍ରସ୍ତୁତ କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ସେଠାରେ କାମ କରୁଥିଲେ। ଏହି ଡାକ୍ତରମାନଙ୍କ ମଧ୍ୟରୁ ଅନେକଙ୍କ ଫୋନ୍ ବନ୍ଦ ଅଛି ଏବଂ ଅନ୍ୟମାନେ ନିଖୋଜ ଅଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ସେମାନଙ୍କୁ ଧରିବା ପାଇଁ ଚଢ଼ଉ କରୁଛନ୍ତି। ୧୨ ରୁ ଅଧିକ ବୃତ୍ତିଗତ ଡାକ୍ତରଙ୍କୁ ଖୋଜା ଚାଲିଛି। ଯେଉଁମାନେ ଏହି ଜୈସ୍ ସନ୍ଦିଗ୍ଧଙ୍କ ସହିତ ନିରନ୍ତର ଯୋଗାଯୋଗରେ ଥିଲେ ଏବଂ ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ପରେ ନିଖୋଜ ଅଛନ୍ତି।

# ଦ୍ୱିତୀୟ ଇନିଂସରେ ୯୩ ରନରେ ୭ ୱିକେଟ ହରାଇଲା ଦ.ଆଫ୍ରିକା

**କୋଲକାତା,୧୫।୧୧:** କୋଲକାତାର ଇଡେନ ଗାର୍ଡେନ୍ସଠାରେ ଖେଳାଯାଉଥିବା ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ରୋଚକ ମୋଡ଼ରେ ପହଞ୍ଚିଯାଇଛି । ଦକ୍ଷିଣ ଆଫ୍ରିକାକୁ ମାତ୍ର ୧୫୯ ରନରେ ଅଲଆଉଟ୍ କରିବା ପରେ ଭାରତ ମଧ୍ୟ ୧୮୯ ରନରେ ଅଲଆଉଟ ହୋଇଯାଇଛି । ଏହା ପରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଦକ୍ଷିଣ ଆଫ୍ରିକା ନିଜର ଦ୍ୱିତୀୟ ଇନିଂସରେ ୭ ୱିକେଟ ହରାଇ ୯୩ ରନ କରିଛି। ଏହା ଫଳରେ ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ୬୩ ରନରେ ଆଗୁଆ ରହିଛି। ମ୍ୟାଚର ଗତି ଦେଖିଲେ ମନେହେଉଛି ଯେ ଆସନ୍ତା କାଲି ଅର୍ଥାତ ମ୍ୟାଚର ୩ୟ ଦିନରେ ଫଇସଲା ବାହାରି ପାରେ। ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକାର ୧୫୯ ରନ ଜବାବରେ ଭାରତ ୧ ୱିକେଟ ହରାଇ ୩୭ ରନ କରିଥିଲା। କିନ୍ତୁ ଦ୍ୱିତୀୟ ଦିନରେ ଭାରତ ମାତ୍ର ୧୮୯ ରନରେ ଅଲଆଉଟ ହୋଇଯାଇଥିଲା। ଅର୍ଥାତ



ଦକ୍ଷିଣ ଆଫ୍ରିକାକୁ ୧୫୯ ରନରେ ଅଲଆଉଟ କରିବା ପରେ ଯେଉଁ ସୁବିଧାଜନକ ସ୍ଥିତିରେ ରହିବ ବୋଲି ଭାରତ ଭାବିଥିଲା, ତାହାକୁ ହରାଇଦେଇଥିଲା ଓ ମାତ୍ର ୩୦ ରନରେ ଅଗ୍ରଣୀ ରହିଥିଲା । ପ୍ରଥମ ଇନିଂସରେ ଭାରତ ପକ୍ଷରୁ କେଏଲ ରାହୁଲ ସର୍ବାଧିକ ୩୭ ରନ କରିଥିଲେ ଓ ୱାସିଂଟନ ସୁନ୍ଦର ୨୯ ରନ କରିଥିଲେ। ସେହିପରି ଋଷଭ ପନ୍ତ ଓ ରବୀନ୍ଦ୍ର ଜାଦେଜା ୨୭ ରନ ଲେଖାଏଁ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ସାଇମନ ହାର୍ମର ୪ଟି ଓ ମାର୍କୋ ଜାନସେନ ୩ଟି ୱିକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ମଧ୍ୟ ନିଜର ଦ୍ୱିତୀୟ ଇନିଂସରେ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦଳ ପକ୍ଷରୁ ଟେମ୍ବା ବାଭୁମା ସର୍ବାଧିକ ୨୯ ରନ କରିଛନ୍ତି। ଭାରତ ପକ୍ଷରୁ ରବୀନ୍ଦ୍ର ଜାଦେଜା ୪ଟି ଓ କୁଲଦୀପ ଯାଦବ ୨ଟି ୱିକେଟ ନେଇଥିଲେ।

# ୨ ଭିନ୍ନ ଡିଜାଇନ୍ ଜୋତା ପିନ୍ଧି ପଡ଼ିଆକୁ ଆସିଲେ ପନ୍ତ

**କୋଲକାତା,୧୫।୧୧:** ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପାଇଁ ରିଷଭ ପନ୍ତ ଟିମ ଇଣ୍ଡିଆକୁ ଫେରିଛନ୍ତି। ପୂର୍ବରୁ ସେ ପାଦରେ ଆଘାତ ଯୋଗୁ ବାହାରେ ଥିଲେ। ଦଳକୁ ଫେରିବା ପରେ, ପନ୍ତ କୋଲକାତାର ଇଡେନ ଗାର୍ଡେନରେ ତାଙ୍କର ପ୍ରଥମ ଇନିଂସ ପାଇଁ ପଡ଼ିଆକୁ ଓହ୍ଲାଇବା ସମୟରେ ଦୁଇଟି ଭିନ୍ନ ଡିଜାଇନ ଜୋତା ପିନ୍ଧିଥିବାର ଦେଖାଯାଇଥିଲା। ପନ୍ତଙ୍କ ଦୁଇଟି ଭିନ୍ନ ଡିଜାଇନ ଜୋତା ପିନ୍ଧିଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେ ଇଡେନ ଗାର୍ଡେନରେ ତାଙ୍କର ପ୍ରଥମ ଇନିଂସ ସମୟରେ ବୀରେନ୍ଦ୍ର ସେହ୍ୱାଗଙ୍କ ରେକର୍ଡ ମଧ୍ୟ ଭାଙ୍ଗି ଦେଇଥିଲେ।

ଶୁବମନ ଗିଲ ରିଟାୟାରଡ ହର୍ଟ ହେବା ପରେ ରିଷଭ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ। ସେ ପଡ଼ିଆକୁ ଓହ୍ଲାଇବା ମାତ୍ରେ ତାଙ୍କ ଜୋତା ଆଲୋଚନାର ବିଷୟ ପାଲଟିଥିଲା। ରିଷଭ ପନ୍ତଙ୍କ ଜୋତା ମଧ୍ୟରୁ ଗୋଟିଏ ଆଗ କଳା ଥିଲା, ଯେତେବେଳେ ଅନ୍ୟଟି ଧଳା ଥିଲା। ପନ୍ତ ଯେଉଁ ପାଦରୁ



ସୁସ୍ଥ ହୋଇ ଫେରିଥିଲେ ସେହି ପାଦରେ କଳା ଜୋତା ପିନ୍ଧିଥିଲେ। ସମ୍ଭବତଃ ପନ୍ତଙ୍କ ପାଦକୁ ମନରେ ରଖି ଜୋତା ଡିଜାଇନ କରାଯାଇଥିଲା।

ଇଡେନ ଗାର୍ଡେନରେ ଦୁଇଟି ଡିଜାଇନର ଜୋତା ପିନ୍ଧି ଖେଳିଥିବା ରିଷଭ ପନ୍ତ ମଧ୍ୟ ବୀରେନ୍ଦ୍ର ସେହ୍ୱାଗଙ୍କ ଏକ ପ୍ରମୁଖ ରେକର୍ଡ ଭାଙ୍ଗିଛନ୍ତି। କୋଲକାତା ଟେଷ୍ଟର ପ୍ରଥମ ଇନିଂସରେ ରିଷଭ ପନ୍ତ ୨୪ ବଲ ସାମ୍ନା କରି ୨୭ ରନ କରିଥିଲେ, ଏଥିରେ ଦୁଇଟି ଚୌକା ଏବଂ ଦୁଇଟି ଛକା ସାମିଲ ଥିଲା। ଏହି ଇନିଂସ ମଧ୍ୟରେ ରିଷଭ ପନ୍ତ ବୀରେନ୍ଦ୍ର ସେହ୍ୱାଗଙ୍କୁ ପଛରେ ପକାଇ ଏକ ଭାରତୀୟ ରେକର୍ଡ ସ୍ଥାପନ କରିଥିଲେ।

ରିଷଭ ପନ୍ତ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକାରେ ବୀରେନ୍ଦ୍ର ସେହ୍ୱାଗଙ୍କ ରେକର୍ଡ ଭାଙ୍ଗିଛନ୍ତି। ସେହ୍ୱାଗ ଟେଷ୍ଟ କ୍ରିକେଟରେ ୯୦ ଛକା ମାରିଥିଲେ। କୋଲକାତା ଟେଷ୍ଟ ପୂର୍ବରୁ ରିଷଭ ପନ୍ତ ୯୦ ଛକା ସହିତ ସେହ୍ୱାଗଙ୍କ ରେକର୍ଡର ସମକକ୍ଷ ମଧ୍ୟ ହୋଇଥିଲେ। ପନ୍ତ ଇଡେନ ଗାର୍ଡେନରେ ତାଙ୍କ ଇନିଂସର ପ୍ରଥମ ଛକା ମାରି ସେହ୍ୱାଗଙ୍କ ରେକର୍ଡ ଭାଙ୍ଗିଛନ୍ତି। ବର୍ତ୍ତମାନ ତାଙ୍କର ଟେଷ୍ଟରେ ମୋଟ ୯୨ ଛକା ଅଛି, ଯାହା ଏକ ନୂତନ ଭାରତୀୟ ରେକର୍ଡ।

# ୧୭ରୁ ପୂର୍ବତଟ ରେଳପଥ ୪୭ତମ ସର୍ବଭାରତୀୟ ରେଳୱେ ବ୍ରିଜ୍ ଚାମ୍ପିଅନସିପ୍

**ଭୁବନେଶ୍ୱର,୧୫।୧୧ (ମହାଭାରତ) :** ପୂର୍ବ ତଟ ରେଳପଥ ୧୭ ରୁ ୧୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମଞ୍ଚେଶ୍ୱରସ୍ଥିତ ରେଲୱେ ଇନଡୋର ଷ୍ଟାଡିୟମରେ ୪୭ତମ ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିଅନସିପ୍ ଆୟୋଜନ କରି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି।

ପ୍ରଥମ ଥର ପାଇଁ ପୂର୍ବ ତଟ ରେଳପଥକୁ ରେଲୱେ କ୍ରୀଡା ପ୍ରମୋସନ ବୋର୍ଡ ପକ୍ଷରୁ ଏହି ପ୍ରତିଷ୍ଠିତ ଜାତୀୟ ଆୟୋଜନର ଦାୟିତ୍ୱ ସମର୍ପିତ କରାଯାଇଛି ଯାହା କ୍ରୀଡା କ୍ଷେତ୍ରରେ ସଂଗଠନର ବଢୁଥିବା ସ୍ଥାନ ଓ ପ୍ରତିଷ୍ଠାକୁ ପ୍ରକାଶ କରେ। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଦକ୍ଷ ପରିଚାଳନା ଓ ପ୍ରେରଣାଦାୟକ ମାର୍ଗଦର୍ଶନରେ ଏହି ପଦକ୍ଷେପ ଫଳବତୀ ହୋଇଛି। ତାଙ୍କ ନେତୃତ୍ୱ ଏହି ଜୋନର କ୍ରୀଡା ଭିତିଭୂମିକୁ ଦୃଢ଼ କରିବା ସହିତ କ୍ରୀଡା ଉତ୍କର୍ଷତାକୁ ଉନ୍ନତିର ନୂଆ ସୀମାରେ ପହଁଞ୍ଚାଇଛି । ଶ୍ରୀ ଫୁଙ୍କୱାଲଙ୍କ ବୃତ୍ତିଗତ ସଂଗଠନ, ଖେଳାଳି ସମର୍ଥନ ଏବଂ ସୁବିଧା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଫଳରେ ପୂର୍ବ ତଟ ରେଳପଥ ପ୍ରମୁଖ ଜାତୀୟ ସ୍ତରୀୟ ଚାମ୍ପିଅନସିପ୍ ମାନଙ୍କ ପାଇଁ ଏକ ପସନ୍ଦିତ ସ୍ଥାନ ଭାବରେ ଉଭା ହେବାକୁ ସକ୍ଷମ ହୋଇଛି। ବ୍ରିଜ୍ ଭଳି ମନ ଏବଂ ରଣନୀତିଭିତ୍ତିକ କ୍ରୀଡ଼ାର ବିକାଶ ପ୍ରତି ତାଙ୍କର ପ୍ରୋତ୍ସାହନ ଏବଂ ଆଗ୍ରହ ପୂର୍ବତଟ ରେଳପଥକୁ ଏହି ପ୍ରମୁଖ ଇଭେଣ୍ଟର ଆୟୋଜକ ଭାବରେ ମନୋନୀତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି।

ଏହି ଚାମ୍ପିଅନସିପ୍ ଓଡ଼ିଶା ବ୍ରିଜ୍ ଆସୋସିଏସନ୍ ର ସକ୍ରିୟ ସମର୍ଥନରେ ପରିଚାଳିତ ହେଉଛି।

ପୂର୍ବ ରେଳପଥ, ଦକ୍ଷିଣ ପୂର୍ବ ରେଳପଥ, ମେଟ୍ରୋ ରେଳ, କେନ୍ଦ୍ରୀୟ ରେଳପଥ ଏବଂ ପୂର୍ବତଟ ରେଳପଥର ଦଳଗୁଡ଼ିକ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି।ଏଥିରେ ସୁମିତ ମୁଖାର୍ଜୀ, ଦେବବ୍ରତ ମଜୁମଦାର, ସାଗ୍ନିକ୍ ରାୟ, ଗୋପୀନାଥ ମାନ୍ନା, ସାୟନ୍ତନ କୁସୁରୀ ଏବଂ ସନ୍ଦୀପ ଦତ୍ତଙ୍କ ସମେତ ଭାରତର କିଛି ସଫଳ ବ୍ରିଜ୍ ଖେଳାଳି ଅଂଶଗ୍ରହଣ କରୁଛନ୍ତି।ଏମାନଙ୍କ ମଧ୍ୟରୁ ଅନେକ ଖେଳାଳି ଏସିଆନ୍ ଗେମ୍ସ, କମନୱେଲ୍ଥ ଚ୍ୟାମ୍ପିଅନସିପ୍ ଏବଂ ବିଶ୍ୱକପ୍ ଭଳି ଅନ୍ତର୍ଜାତୀୟ ଇଭେଣ୍ଟରେ ଭାରତକୁ ଗର୍ବର ସହିତ ପ୍ରତିନିଧିତ୍ୱ କରିଛନ୍ତି।

ଏହି ତିନିଦିନିଆ ଚାମ୍ପିଅନସିପ୍ ?ରେ ଦଳଗତ ଇଭେଣ୍ଟ, ବୋର୍ଡ-ଏ ମ୍ୟାଚ୍ ଏବଂ ପେୟାର୍ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଅଛି। ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହା ଭାରତୀୟ ରେଳବାଇ ବ୍ରିଜ୍ ଦଳର ଚୟନ ପରୀକ୍ଷା ଭାବେ ମଧ୍ୟ କାର୍ଯ୍ୟ କରିବ, ଯାହା ଆଗାମୀ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ରେଳବାଇଙ୍କ ପ୍ରତିନିଧିତ୍ୱ କରିବ।

ଏହି ପ୍ରତିଷ୍ଠିତ ଇଭେଣ୍ଟ ଆୟୋଜନ ମାଧ୍ୟମରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବା, ଖେଳାଳିଙ୍କ ପାଇଁ ଉତ୍କୃଷ୍ଟ ସୁବିଧା ପ୍ରଦାନ କରିବା ଏବଂ ରେଳବାଇ କ୍ରୀଡ଼ାର ବିକାଶକୁ ସମର୍ଥନ କରିବାରେ ନିଜ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

## ପ୍ରଥମ ଆଶେସ ପୂର୍ବରୁ ଅଷ୍ଟ୍ରେଲିଆକୁ ଝଟକା

**ପର୍ଥ,୧୫।୧୧:** ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ପାଇଁ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ଜୋସ୍ ହାଜେଲ୍‌ଉଡ୍ ଆସନ୍ତା ଶୁକ୍ରବାର ପର୍ଥଠାରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଖେଳିବେନାହିଁ। ପ୍ରାଥମିକ ସ୍କାନ ପରେ ଆଘାତ ଗୁରୁତର ନୁହେଁ ବୋଲି କୁହାଯାଇଥିଲା। ମାତ୍ର ପରେ ଏକ ସ୍କାନ ଦ୍ୱାରା ଜଣାପଡ଼ିଥିଲା ଯେ, ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହଁନ୍ତି। ପ୍ୟାଟ କମିନ୍ସଙ୍କ ପରେ ପର୍ଥ ଟେଷ୍ଟ ନ ଖେଳିବାରେ ସେ ଦ୍ୱିତୀୟ ଖେଳାଳି। ଅଷ୍ଟ୍ରେଲିଆର ଫାଷ୍ଟ ବୋଲିଂ ଆକ୍ରମଣ ଉପରେ ଏହା ପ୍ରଭାବ ପକାଇବ। ଫଳତଃ ବ୍ରେଣ୍ଡନ ଡଗେଟ୍‌ଙ୍କ ପାଇଁ ଏକ ଆଶେସ ଟେଷ୍ଟ ପଦାର୍ପଣର ସୁଯୋଗ ଦେଖା ଦେଇଛି। ବୁଧବାର ସିଡ୍ନୀ କ୍ରିକେଟ ଗ୍ରାଉଣ୍ଡରେ ଏକ ଶିଫିଲ୍ଡ ଶିଲ୍ଡ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳୁଥିବା ବେଳେ ହାଜେଲଉଡ୍ ଯନ୍ତ୍ରଣା ଅନୁଭବ କରିଥିଲେ।



ରାଉରକେଲାରେ ଅନୁଷ୍ଠିତ ଏକଲବ୍ୟ ମଡେଲ ପବ୍ଲିକ ସ୍କୁଲର କ୍ରୀଡ଼ା ପ୍ରତିଯୋଗିତା ଉଦଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଏଜେଏସ୍‌ଏ ଇଣ୍ଡିଆକୁ କପ୍ ୩୦ ସମ୍ମିଳନୀରେ ବିଶ୍ୱସ୍ତରୀୟ ମାନ୍ୟତା

**ଭୁବନେଶ୍ୱର,୧୫।୧୧:** ଚଳିତବର୍ଷ ମିଳିତ ଜାତିସଂଘ ଓ ବ୍ରାଜିଲ ସରକାରଙ୍କ ମିଳିତ ଆନୁକୂଲ୍ୟରେ ବେଲେମ୍ ସହରରେ ଅନୁଷ୍ଠିତ ହେଉଥିବା କପ୍ ୩୦ ସମ୍ମିଳନୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବ୍ରାଜିଲ ପ୍ରଥମ ମହିଳା ସମ୍ମାନନୀୟା ଜାଞ୍ଜାଲୁଲା ଦା ସିଲ୍‌ଭା, ଜର୍ଡାନର ରାଜକୁମାରୀ ଦାନା ଫିରାସ, ଗ୍ଲୋବାଲ ସେଣ୍ଟର ଅନ୍ ଆଡାପ୍ଟେସନ (ଜି.ସି.ଏ)ର ଅଧ୍ୟକ୍ଷ ଓ ସିଇଓ ପ୍ରଫେସର ପ୍ୟାଟ୍ରିକ୍ ଭି ଭର୍କୋଇୟେନ୍ ଏବଂ ନରେୱେ, ଇଉନାଇଟେଡ କିଙ୍ଗଡମ୍ ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ମିଳିତ ହିସାବରେ ଏ.ଜେ.ଏସ.ଏ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ବେହେରାଙ୍କୁ ମହିଳାଙ୍କ ଜୀବିକା ଅଭିବୃଦ୍ଧିରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଶ୍ରେଣୀରେ ‘ଲୋକାଲିଲେଡ୍ ଆଡାପ୍ଟେସନ ଚାମ୍ପିଅନ୍ (ଏଲଏଲଏ)’ ପୁରସ୍କାର ପ୍ରଦାନ କରିବା ସହିତ ସମ୍ମାନିତ କରିଥିଲେ। ଏହି ବିଶେଷ ସମାରୋହ କପ୍ ୩୦ର ରେଜିଲିଏନ୍ସ ହବ୍‌ରେ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ବିଶ୍ୱର ପାଖାପାଖି ଦୁଇଶହ ଦେଶରୁ ପଚାଶ ହଜାର ଲୋକ ଯୋଗଦାନ କରିଛନ୍ତି।

ଚଳିତ ବର୍ଷର ଏଲ୍.ଏଲ୍.ଏ ପୁରସ୍କାର ପ୍ରତିଯୋଗୀତାରେ ୮୬ଟି ଦେଶରୁ ୪୮୯ଟି ସାମାଜିକ ସଂଗଠନ ଏବଂ ଯୁକ୍ତରାଷ୍ଟ୍ର ସଂଗଠନ ଇତ୍ୟାଦି ଭାଗ ନେଇଥିଲେ। ତନ୍ମଧ୍ୟରୁ ଚାରୋଟି କ୍ଷେତ୍ରରେ ୨୦ଟି ପ୍ରଭାବଶାଳୀ ପ୍ରକଳ୍ପକୁ ଅନ୍ତିମ ସୋପାନରେ ମନୋନୀତ କରାଯାଇଥିଲା। ଏହିମଧ୍ୟରୁ ଏ.ଜେ.ଏସ୍.ଏ ଇଣ୍ଡିଆକୁ ମହିଳା ଜୀବିକା ଶ୍ରେଣୀର ବିଶିଷ୍ଟ ବିଚାରକ ମଣ୍ଡଳୀ ଦ୍ୱାରା ବିଶ୍ୱଜୟୀ ଭାବେ ବିବେଚିତ କରାଯାଇଥିଲା। ବିଚାରକ ମଣ୍ଡଳୀରେ ବିଶ୍ୱସ୍ତରୀୟ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ସଂଯୁକ୍ତ ରାଷ୍ଟ୍ରଙ୍କ ୮ତମ ସେକ୍ରେଟାରୀ ଜେନେରାଲ ଲାନ୍କି-ମୁନ୍, ବ୍ରାଜିଲ ପ୍ରଥମ ମହିଳା ଜାଞ୍ଜାଲୁଲା ଦା ସିଲ୍‌ଭା; ୟୁନାଇଟେଡ କିଙ୍ଗଡମ୍‌ର ଆନ୍ତର୍ଜାତୀୟ ଉନ୍ନୟନ ମନ୍ତ୍ରୀ ଡାର୍ଲିଙ୍ଗ ଟନ୍‌ବାରୋ ସ୍ୱାପମାନ୍; ନରୱେର ଆନ୍ତର୍ଜାତିକ ଉନ୍ନୟନ ମନ୍ତ୍ରୀ ଆସମଣ୍ଡ୍ ଗ୍ରୋଭର ଆକ୍ରଷ୍ଟ, ଆଫ୍ରିକୀୟ ସଂଘ ଡେଭଲପେଣ୍ଟ ଏଜେନ୍ସିର ସିଇଓ ନାର୍ଡୋସ୍ବ-ବେକେଲ-ଥୋମାସ; ଏବଂ ଗ୍ଲୋବାଲ ସେଣ୍ଟର ଅନ୍ ଆଡାପ୍ଟେସନ (ଜିସିଏ)ର ଅଧ୍ୟକ୍ଷ ଓ ସିଇଓ ପ୍ରଫେସର ପ୍ୟାଟ୍ରିକ ଭି ଭର୍କୋଇୟେନ୍ ଏହି ପ୍ରକ୍ରିୟାରେ ଭାଗ ନେଇଥିଲେ।

# ମନ୍ଧାନାଙ୍କୁ ମିଳିଲା ୫୦ ଲକ୍ଷ ପୁରସ୍କାର



**ମୁମ୍ବାଇ,୧୫।୧୧:** ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍ସିଏ) ପକ୍ଷରୁ ଶନିବାର ବିଶ୍ୱକପରେ ଭାରତୀୟ ମହିଳା ଦଳର ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏମ୍‌ସିଏ ପକ୍ଷରୁ ମନ୍ଧାନାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଦଳର ବିଶ୍ୱକପ୍ ବିଜୟରେ ମନ୍ଧାନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୮ ମ୍ୟାଚରେ ୫୪.୩୫ ଆଭରେଜରେ ୪୩୪ ରନ କରିଥିଲେ।

# ଜିଲ୍ଲା ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା

**ବଲାଙ୍ଗିର,୧୫।୧୧ (ମହାଭାରତ) :** ଆଗଲପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲା ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ବିଭାଗର କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଆଗଲପୁର ବିଇଓ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଉଦଯାପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସମ୍ମାନିତ ଅତିଥି ଭାବେ ଆଗଲପୁର ଏବିଇଓ ରଜନୀକାନ୍ତ ସାହୁ, ଆଗଲପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମନ୍ତ୍ରୀ ମେହେର, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ପ୍ରବୀର କୁମାର ପଣ୍ଡା, ବ୍ଲକ କ୍ରୀଡ଼ା ସମ୍ପାଦକ ଉମାକାନ୍ତ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ । ସଇଁତଳା ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ମାନସ ଦୋରା ଧନ୍ୟବାଦ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୦ ଗୋଟି ବ୍ଲକରୁ ୧୦ଟି ଦଳରେ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସୂଚନାନୁସାରେ ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ଖେଳାଳିମାନେ ଜଗତସିଂହପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ସୂଚନା ଦେଇଥିଲେ । ତୁରେକେଲା ଦଳ ଓ ଆଗଲପୁର ଦଳ ମଧ୍ୟରେ ଫାଇନାଲ ଖେଳ ହୋଇ ଆଗଲପୁର ଉପବିଜେତା ହୋଇ ତୁରେକେଲା ଦଳ ବିଜେତା ହୋଇଥିଲା । ଏହି ପ୍ରତିଯୋଗିତାକୁ ରଜତ ଦାସ, ରାଜେନ୍ଦ୍ର ସେଠ, ସୌରଭ ପଧାନ, ଦେବୀ ପ୍ରସାଦ ରାଉତ, ସତ୍ୟନାରାୟଣ ପଟେଲ, ପ୍ରଶାନାନ ବାଗ, ରାଜକୁମାର ପାଣିଗ୍ରାହୀ, ମୁକେଶ ସ୍ୱାଇଁ, ଫାଲଗୁନି ବାରିକ, ସୁଦର୍ଶନ ସେଠ, ଦିଲୀପ ଧରୁଆ, ରାଧାଗୋବିନ୍ଦ ନାଏକ, ସୁଶୀଲ ପଧାନ, ନେତ୍ରାନନ୍ଦ ବାଗ ଓ ସ୍ଥାନୀୟ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# କୋଷ୍ଟା କଫି କାରାମେଲ ନଟକ୍ରାକର ସମ୍ଭାରର ଶୁଭାରମ୍ଭ

**ଭୁବନେଶ୍ୱର,୧୫।୧୧:** କୋଷ୍ଟା କଫି, କୋକା-କୋଲା କମ୍ପାନୀ ଅଧିନସ୍ଥ ଏକ କଫି ବ୍ରାଣ୍ଡ, ଶୀତ ଋତୁକାଳୀନ ଛୁଟିଦିନ ସହିତ ଭାରତରେ ଏହାର କାରାମେଲ ନଟକ୍ରାକର ସମ୍ଭାରର ଶୁଭାରମ୍ଭ କରିଛି: ଯାହାକି ଏଭଳି ଋତୁକାଳୀନ ଅଫର ପ୍ରଦାନ ପାଇଁ ପ୍ରଥମ ଏଭଳି ଭାବରେ କଫି ପ୍ରେମୀ ମାନଙ୍କୁ ଉଷ୍ମତା, ସ୍ୱାଦ ତଥା ଏକାଠି କରିବାରେ ସେହି ସୁଯୋଗ ପ୍ରଦାନ କରିବ। ସୀମିତ ସମୟ ଅବଧି ତଥା କିଛି ଚୟନକାରୀ କୋଷ୍ଟା କଫି ଆଉଟଲେଟ ଗୁଡ଼ିକର ବିତରଣ ମଂଚ୍‌ରେ ଏହା ୧୫ ନଭେମ୍ବର, ୨୦୨୫ରୁ ଉପଲବ୍ଧ ହେବାକୁ ଯାଉଥିବା ବେଳେ, ଏହି ନୂତନ ସମ୍ଭାର ବ୍ରାଣ୍ଡର ନବୀନତମ-ପ୍ରଥମ ସ୍ୱାଦ ତଥା କଫି କପରୁ ଆଉଟିକେ ଦୂରକୁ ଚାଲିଯାଇ ଏହା ବିଭିନ୍ନ ପ୍ରକାରର ଅବିସ୍ମରଣୀୟ ଋତୁକାଳୀନ ଅଭିଜ୍ଞତା ମୁହୂର୍ତ୍ତର ସେହି ବଚନବଦ୍ଧତାକୁ ସୃଷ୍ଟି କରିବାକୁ ଯାଉଛି।

ଛୁଟିଦିନର ସେହି ଉନ୍ମାଦନାକୁ ପାଳନ ପାଇଁ ପ୍ରସ୍ତୁତ ଏହି କାରାମେଲ ନଟକ୍ରାକର ସମ୍ଭାରର ବିଶେଷତ୍ୱ ମଧ୍ୟରେ ରହିଛି ଋତୁକାଳୀନ ମୃଦୁପାନୀୟ ସ୍ୱାଦକୁ ପାଳନ କରିବା ପୂର୍ବକ, କୋଷ୍ଟା କଫି ତାର କଫି ପ୍ରେମିକ ମାନଙ୍କୁ ଆମନ୍ତ୍ରଣ କରିଛି ସେହି ସୁଗନ୍ଧରେ ଭରପୁର ଅସହ୍ୟ ସ୍ୱାଦ ସୃଷ୍ଟିକାରୀ ଏହି ମନଲୋଭା ମୁହୂର୍ତ୍ତରେ ଏହାର ଚାରୋଟି ପୃଥକ୍ ତୁଷ୍ଟିକରଣର ମନମତାଣିଆ ସ୍ୱାଦ ପ୍ରଦାନ କରିବା ପାଇଁ ଯାହା ମଧ୍ୟରେ ରହିଛି - ଯଥା- କାରାମେଲ ନଟକ୍ରାକର ଲାଟେ, ଆଇସଡ଼ ଲାଟେ, ଫ୍ରାପ୍ପେ ଏବଂ ହର୍ଟ ଚ୍‌କୋଲେଟ। ଏହାର ପ୍ରତ୍ୟେକ ଢ଼ୋକରେ ରହିଛି ହାଲୁକା ମୃଦୁପାନୀୟ ଛିଟାର ମିଶ୍ରଣ ସହିତ ବାଦାମ ଯୁକ୍ତ ମିଶ୍ରିତ ସ୍ୱରର ସମାଗମ ଯାହାକି ଶୀତ ମୁହୂର୍ତ୍ତର ସେହି ଧରି ଯାଉଥିବା ସ୍ଥିତିକୁ ଏଭଳି ଏକ ଆନନ୍ଦପ୍ରଦାନକାରୀ ଛୁଟିଦିନ ସମାରୋହକୁ ଆହୁରି ଅଧିକ ରୋମାଂଚକ କରିପାରିବ।

# ସିନେପଲିସ୍ ଇଣ୍ଡିଆ ଓ ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆ ପକ୍ଷରୁ ଶିଶୁଙ୍କ ପାଇଁ ସ୍କ୍ରିନିଂ ବ୍ୟବସ୍ଥା

**ଭୁବନେଶ୍ୱର,୧୫।୧୧ (ମହାଭାରତ) :** ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆ (ଆର୍‌ଟିଆଇ) ସହଯୋଗରେ ସିନେପଲିସ୍ ଇଣ୍ଡିଆ ଆଜି ‘ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍’ ଅଭିଯାନର ଦଶମ ସଂସ୍କରଣର ଆୟୋଜନ କରିଛି। ଏହା ଅନ୍ତର୍ଗତ ୪୦ଟି ସ୍ଥାନରେ ଥିବା ସିନେପଲିସ୍‌ରେ ୧୩,୦୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ପାଇଁ କମ୍ପ୍ଲିମେଣ୍ଟାରୀ ମର୍ଣ୍ଣିଂ ସୋ’ ଦେଖିବାର ସୁଯୋଗ ପ୍ରଦାନ କରାଯାଇଛି। ପିଲାମାନେ ହିନ୍ଦୀ ଓ ତେଲୁଗୁ ଭାଷାରେ ମହାଯୋଦ୍ଧା ରାମ ଏବଂ ତାମିଲ ଓ କନ୍ନଡ ଭାଷାରେ କାନ୍ତାରାର ସ୍କ୍ରିନିଂ ଦେଖିଛନ୍ତି। ୨୦୧୪ରେ ଆରମ୍ଭ ହୋଇଥିବା ‘ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍’ ଅଭିଯାନ ଅଧୀନରେ ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ବିଗ୍ ସ୍କ୍ରିନ୍ ଅନୁଭୂତି ପ୍ରଦାନ କରାଯାଉଛି। ଆର୍‌ଟିଆଇ ଏବଂ ସ୍କୁଲ ଓ ପିଲାମାନଙ୍କ ସହ ଜଡ଼ିତ ଅନୁଷ୍ଠାନଗୁଡ଼ିକର ମିଳିତ ଉଦ୍ୟମରେ ଏଯାବତ୍ ‘ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍’ ଅଭିଯାନ ୪୫,୦୦୦ରୁ ଅଧିକ ଶିଶୁଙ୍କ ନିକଟରେ ପହଞ୍ଚିପାରିଛି। ଏ ଅଭିଯାନକୁ ନେଇ ସିନେପଲିସ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦେବାଙ୍ଗ ସମ୍ପତ୍ କହିଛନ୍ତି ଯେ, ଏକ ସରଳ ଆଇଡିଆରୁ ‘ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍’ ଆରମ୍ଭ ହୋଇଥିଲା। ତାହା ଥିଲା ପ୍ରତ୍ୟେକ ଶିଶୁ ଏକ ନିରାପଦ ଏବଂ ସ୍ୱାଗତପୂର୍ଣ୍ଣ ପରିବେଶ ମଧ୍ୟରେ ବିଗ୍ ସ୍କ୍ରିନ୍ ଅନୁଭୂତି ନେବେ। ୧୦ ବର୍ଷ ପୂରଣ ସହିତ ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆ ଏବଂ ଆମର ଆଞ୍ଚଳିକ ସହଯୋଗୀମାନଙ୍କ ସହ ଏ ଉଦ୍ୟମକୁ ଜାରି ରଖି ଆମେ ଅତ୍ୟନ୍ତ ଗର୍ବିତ। ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆର ସଭାପତି ରଚିତ ବଂଶଲ କୁହନ୍ତି, ସିନେପଲିସ୍ ସହିତ ଆମର ସହଯୋଗିତା ମାଧ୍ୟମରେ ଅଧିକାଂଶ ସହରରେ ଥିବା ସିନେମା ଘରେ ଶିଶୁ ଦିବସକୁ ଜୀବନ୍ତ ରୂପ ଦିଆଯାଇପାରୁଛି। ଏହି ସହଯୋଗିତା ମାଧ୍ୟମରେ ପ୍ରତିବର୍ଷ ଶିଶୁମାନଙ୍କ ପାଇଁ ଏକ ସୁବ୍ୟବସ୍ଥିତ ଆଉଟିଂ ବ୍ୟବସ୍ଥା



କରାଯାଉଛି। ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍ ବିଷୟରେ: ‘ଲେଟ୍‌ସ ଅଲ୍ ଗୋ ଟୁ ସିନେପଲିସ୍’ ସିନେପଲିସ୍ ଇଣ୍ଡିଆର ବାର୍ଷିକ ଶିଶୁ ଦିବସ ଅଭିଯାନ। ଏହା ୨୦୧୪ରେ ଆରମ୍ଭ ହୋଇଥିଲା। ରାଉଣ୍ଡ୍ ଟେବୁଲ୍ ଇଣ୍ଡିଆ ଏବଂ ଆଞ୍ଚଳିକ ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ସହଯୋଗରେ ପିଲାମାନଙ୍କ ପାଇଁ ଏହି ଅଭିଯାନ ଅଧୀନରେ ମୁଭି ସ୍କ୍ରିନିଂ ପ୍ରଦାନ କରାଯାଇଥାଏ। ପିଲାମାନଙ୍କୁ ବହୁ ପ୍ରକାର ଭାରତୀୟ ଭାଷାରେ ସିନେମାର ପ୍ରଥମ ଏବଂ ସକାରାତ୍ମକ ଅନୁଭୂତି ମିଳିଥାଏ। ଗତ ଦଶନ୍ଧିରେ ଏହି ଅଭିଯାନ ଅଧୀନରେ ଦେଶବ୍ୟାପୀ ୪୫,୦୦୦ରୁ ଊର୍ଦ୍ଧ୍ୱ ଆର୍ଥିକ ଅନଗ୍ରସର ବର୍ଗ ପିଲାମାନେ ସିନେମା ଦେଖିବାର ଅନୁଭୂତି ପାଇଛନ୍ତି।

ସିନେପଲିସ୍ ଇଣ୍ଡିଆ ବିଷୟରେ:ସିନେପଲିସ୍ ଇଣ୍ଡିଆ ସିନେପଲିସ୍‌ର ଏକ ଗ୍ରୁପ୍ କମ୍ପାନି ଏବଂ ଏହା ଭାରତରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ସିନେମା ପ୍ରଦର୍ଶକ। ସିନେପଲିସ୍, ସିନେପଲିସ୍ ଭିଆଇପି ଏବଂ ଫନ୍ ସିନେମାଜ୍ ଭଳି ବ୍ରାଣ୍ଡ୍ ନେମ୍ ଅଧୀନରେ ଏହା ଦେଶରେ ପ୍ରାୟ ୪୪୯ଟି ସ୍କ୍ରିନ୍‌କୁ ପରିଚାଳନା କରୁଛି। ନବସୃଜନରେ ସିନେପଲିସ୍ ସର୍ବଦା ଆଗରେ ରହିଛି। ସିନେପଲିସ୍ ଭିଆଇପି ସହିତ ଏହା ଲକ୍‌ଜ୍ୟୁରୀ ସିନେମାର ପ୍ରଚଳନ କରିଛି ଏବଂ ସିନେପଲିସ୍ ଜୁନିୟର ଅଡିଟୋରିୟମ୍‌ର ବିକାଶ କରିଛି, ଯାହାକି ବିଶେଷ ଭାବେ ଛୋଟ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ। ସିନେପଲିସ୍ ଜୁନିୟର ଅଡିଟୋରିୟମ୍‌ରେ ରହିଛି ରଙ୍ଗୀନ୍ ବିନ୍ ବ୍ୟାଗ୍, ଆରାମଦାୟକ ସୋଫା ଏବଂ ଲାଉଞ୍ଜର। ମଲ୍‌ଟି-ବେନିଫିଟ୍ ଲୟାଲିଟି ପ୍ରୋଗ୍ରାମ ‘କ୍ଲବ୍ ସିନେପଲିସ୍’ ମାଗଣା ପଞ୍ଜୀକରଣ, ପଏଣ୍ଟ ରିୱାର୍ଡସ, ପ୍ରି-ସ୍କ୍ରିନିଂ ଇନ୍‌ଭାଇଟ୍‌ସ ଏବଂ ଷ୍ଟାର୍ ଭିଜିଟ୍ ସହ ମୁଭି ଦେଖିବାର ଅନୁଭୂତିକୁ ଅନନ୍ୟ କରିଥାଏ। ବର୍ଷ ବର୍ଷ ଧରି ସିନେପଲିସ ଇଣ୍ଡିଆ ଅନେକ ସଫଳତା ଏବଂ ମାନ୍ୟତା ହାସଲ କରିଛି। ସେଗୁଡ଼ିକ ହେଲା ଆଇମ୍ୟାକ୍ସ ବିଗ୍ ସିନେ ଆୱାର୍ଡ ଫର୍ ‘ଇଣ୍ଡିଆଜ୍ ଟପ୍ ମଲ୍ଟିପ୍ଲେକ୍ସ ଚେନ୍ ଅଫ୍ ଦ ଇୟର’ ଏବଂ ୨୦୨୩ରେ ଇମେଜ୍ ରିଟେଲ୍ ଆୱାର୍ଡ ଫର୍ ରିଟେଲ୍ ଲଞ୍ଚ । ମ୍ୟାପିକ୍ ଇଣ୍ଡିଆ ୨୦୨୩ରେ ସିନେପଲିସ୍‌କୁ ମିଳିଛି ମୋଷ୍ଟ୍ ଆଡ୍‌ମାୟାର୍ଡ ରିଟେଲର୍ ଅଫ୍ ଦ ଇୟର:ବେଷ୍ଟ୍ ଟର୍ଣ୍ଣଆରାଉଣ୍ଡ ଷ୍ଟୋରି ଏବଂ ‘ରିଟେଲର ଅଫ୍ ଦ ଇୟର-ଲିଜର ଆଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ’ ଆୱାର୍ଡ। ୨୦୨୪ରେ ଏହା ମ୍ୟାପିକ୍ ରିଟେଲ୍‌ରେ ହାସଲ କରିଥିଲା ‘ରିଟେଲର ଅଫ୍ ଦ ଇୟର-ଲିଜର ଆଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ’ ସମ୍ମାନ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ